ସକାଳ
THE SAKALA



## ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ନାବାଳକକୁ ନିର୍ଯାତନା ଘଟଣା

# ବିଧାୟିକାଙ୍କ ଇସ୍ତଫା ଦାବିରେ ବିଜେଡିର ବିକ୍ଷୋଭ

**ବ୍ରହ୍ମଗିରି, ୨୫।୩(ସମିସ)**




ବୁଧବାର ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳ ତରଫରୁ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟସଭା ଭୋଟ୍ ନାକଚ କରି ବ୍ରହ୍ମଗିରିକୁ ଅପମାନିତ କରିଥିବା ଅପାରଗ ବିଧାୟିକାଙ୍କ ଇସ୍ତଫା ଦାବି କରିଥିଲେ। ଏହା ସହ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବିରୋଧରେ ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବ୍ରହ୍ମଗିରି ଫିଲ୍ମ ହଲ୍ ଛକଠାରୁ ଡାବା ଛକ ପର୍ଯ୍ୟନ୍ତ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଅପାରଗ ବିଧାୟିକାଙ୍କ କୁଶପୁତଳିକା ଦାହ କରାଯାଇଥିଲା। ଅନ୍ୟପକ୍ଷରେ ବ୍ରହ୍ମଗିରିରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗତ କିଛିଦିନ ତଳେ ଜନୈକା ନାବାଳିକାକୁ ଦୁଷ୍କର୍ମ କରାଯାଇଥିବା ବେଳେ ଗତ ଶୁକ୍ରବାର ଶାସକ ଦଳର ଜଣେ ରାଜ୍ୟସ୍ତରୀୟ ନେତାଙ୍କ ଭାଇ ଜନୈକ ନାବାଳକର ବେକରେ 'ମୁଁ ଚୋର' ଲେଖା ଥିବା ପ୍ଲାକାର୍ଡ ବାନ୍ଧି ବିଚ୍ ବଜାରରେ ଚଲାଇ ଚଲାଇ ନେବା ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଦୁଃଖର ବିଷୟ ସମ୍ପୃକ୍ତ ବ୍ୟକ୍ତିକୁ ଅଦ୍ୟାବଧି ପୁଲିସ ଗିରଫ କରିପାରୁନି।

ବ୍ଲକ ବିଜୁ ଜନତା ଦଳର ସଭାପତି ବିଦ୍ୟାଧର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ବୁଧବାର ସନ୍ଧ୍ୟା ୫ଟାରେ ଫିଲ୍ମହଲ୍ ଛକଠାରୁ ବିକ୍ଷୋଭ ପ୍ରଦର୍ଶନ କରି ଶୋଭାଯାତ୍ରା ବାହାରିଥିଲା। ସେମାନଙ୍କର ଶ୍ଳୋଗାନ ଥିଲା ଗତ ଶୁକ୍ରବାର ବଜାର ଭିତରରେ ଜଣେ ନାବାଳକକୁ ବିଚ୍ ରାସ୍ତାରେ ତା'ର ହାତକୁ ବାନ୍ଧି ବେକରେ ଚୋର ଲେଖାଥିବା ଏକ ପ୍ଲାକାର୍ଡ ଝୁଲାଇ ଚଲାଇ ନେଉଥିବା ଘଟଣାକୁ ୬ ଦିନ ବିତିଯାଇଥିଲେ ମଧ୍ୟ ଆସାମୀକୁ ଗିରଫ କରୁନି ପୁଲିସ। ବ୍ରହ୍ମଗିରି ବିଧାୟକା ରାଜ୍ୟସଭାର ଭୋଟ୍ ନାକଚ କରି ସାରା ଓଡ଼ିଶାରେ ବ୍ରହ୍ମଗିରିକୁ ନିନ୍ଦିତ ଓ ଅପମାନିତ କରିଛନ୍ତି।

**ରାଜ୍ୟସଭା ନିର୍ବାଚନରେ ଭୋଟ୍ ନାକଚ କରି ବ୍ରହ୍ମଗିରିକୁ ଅପମାନିତ କରିଛନ୍ତି**

ଗଣତାନ୍ତ୍ରିକ ମର୍ଯ୍ୟାଦାର ସମ୍ପୂର୍ଣ୍ଣ ପରିପନ୍ଥୀ ଏବଂ ନିର୍ବାଚନ ନିୟମର ଖୋଲାଖୋଲି ଉଲ୍ଲଂଘନ। ଆମେ ଏହାକୁ ଦୃଢ଼ ଭାବେ ବିରୋଧ କରୁଛୁ। ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାକୁ ସେମାନେ ଧ୍ୱଂସ କରୁଛନ୍ତି, ଏହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ। ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ନଷ୍ଟ ହେଉଛି। ଏହା ସହିତ ତାଙ୍କୁ ଅଯୋଗ୍ୟ ଘୋଷଣା କରି ବିଧାୟିକା ପଦ ରଦ୍ଦ କରିବା ପାଇଁ ଆମେ ଦାବି କରୁଛୁ। ଶ୍ରୀ ସ୍ୱାଇଁ ଏହା ମଧ୍ୟ କହିଛନ୍ତି, ଅଭିଯୁକ୍ତ ଟୁନା (ମନୋରଞ୍ଜନ) ତ୍ରିପାଠୀ ରାଜ୍ୟ ବିଜେପିର ଜଣେ ଟାଣୁଆ ନେତା ବିରଞ୍ଚି ତ୍ରିପାଠୀଙ୍କ ସାନ ଭାଇ। ଅତୀତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିଯୁକ୍ତ ଟୁନା ତ୍ରିପାଠୀଙ୍କର ଏକ ସାମାଜିକ କାର୍ଯ୍ୟକ୍ରମରେ ବ୍ରହ୍ମଗିରିସ୍ଥିତ ତାଙ୍କ ବାସଭବନରେ ଆସି ପହଞ୍ଚିଥିଲେ। ଏହାର ଫାଇଦା ନେଇ ଦୁଇ ଭାଇ ଜିଲ୍ଲା ପୁଲିସ ଉପରେ ଚାପ ପକେଇ ରଖିଛନ୍ତି। ଏହା ଫଳରେ ଅଭିଯୁକ୍ତ ଟୁନା ତାଙ୍କ ଦୋକାନ ଖୋଲା ରଖି ଖୋଲାଖୋଲି ବୁଲୁଛି। ଆମେ ଏହାକୁ ଦୃଢ଼ ନିନ୍ଦା କରୁଛୁ। ଯଦି ଦୋଷୀକୁ ଶୀଘ୍ର ଗିରଫ କରା ନ ଯାଏ, ଆଗକୁ ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ରାଜରାସ୍ତା ଅବରୋଧ କରାଯିବ। ବର୍ତ୍ତମାନ ବ୍ରହ୍ମଗିରିରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି।

କିଛିଦିନ ଭିତରେ ବ୍ରହ୍ମଗିରିରେ ନାବାଳିକା ଗଣଦୁଷ୍କର୍ମ ଏବଂ ନାରୀ ନିର୍ଯାତନା, ଶେଷରେ ନାବାଳକକୁ ହାତ ବାନ୍ଧି ବଜାରରେ ଚଲେଇ ଚଲେଇ ନେବା ଏହାର ଜ୍ୱଳନ୍ତ ଉଦାହରଣ। ଏଭଳି କାର୍ଯ୍ୟକୁ ପ୍ରତିବାଦ କରି ବିଜୁ ଜନତା ଦଳର ନେତା ଯୁବ ଛାତ୍ର ଓ ମହିଳା କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭକାରୀମାନେ ୩୧୬ନଂ ଜାତୀୟ ରାଜପଥ ଫିଲ୍ମ ହଲ୍ ଛକଠାରୁ ବାହାରି ବଜାର ମଧ୍ୟ ଦେଇ ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାରଙ୍କ ବିରୋଧରେ ବିଭିନ୍ନ ପ୍ରକାର ନାରାବାଜି କରିଥିଲେ ଏବଂ ବିକ୍ଷୋଭକାରୀମାନେ ବ୍ରହ୍ମଗିରି ବାସ୍ ଷ୍ଟାଣ୍ଡଠାରେ ଏକତ୍ରିତ ହୋଇ ବ୍ରହ୍ମଗିରି ବିଧାୟକାଙ୍କ କୁଶପୁତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳ ସଭାପତି ବିଦ୍ୟାଧର ସ୍ୱାଇଁ, ବ୍ଲକ ଅଧକ୍ଷା ରତ୍ନବାଳା ବେହେରା, ଉପାଧକ୍ଷ ମାଳିନୀ ଦଲେଇ, ପୂର୍ବତନ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ରାୟ, ପୂର୍ବତନ ଉପାଧକ୍ଷ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦ ସଦସ୍ୟ ଜମ୍ବେଶ୍ୱର ସାହୁ, ମହିଳା ନେତ୍ରୀ ମାନସୀ ହରିଚନ୍ଦନ, ଶକୁନ୍ତଳା ମିଶ୍ର, ସମସ୍ତ ନିର୍ବାଚିତ ପ୍ରତିନିଧି, ବରିଷ୍ଠ ଆଇନଜୀବୀ ଭାସ୍କର ଜେନା, ବିଜୁ ଯୁବ ଓ ଛାତ୍ର ଜନତା ଦଳର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ଜନଗଣନାରେ ନିର୍ଭୁଲ୍ ତଥ୍ୟ ପାଇଁ ପ୍ରଶିକ୍ଷଣ ଶିବିର



**ସାକ୍ଷୀଗୋପାଳ, ୨୫।୩(ସମିସ):** ଜନଗଣନା-୨୦୨୭ ପାଇଁ ସତ୍ୟବାଦୀରେ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ଯେଭଳି ନିର୍ଭୁଲ ଭାବେ ପରିଚାଳନା ହେବ ସେଥିପାଇଁ ଗୃହ ତାଲିକା ଏବଂ ଗୃହ ଗଣନା ନିମନ୍ତେ ବୁଧବାରଠାରୁ ଆରମ୍ଭ ହୋଇଛି ଗଣନାକାରୀ ପର୍ଯ୍ୟବେକ୍ଷକ ପ୍ରଶିକ୍ଷଣ ଶିବିର। ଏହି ଶିବିର ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ବୁଧବାରଠାରୁ ଆରମ୍ଭ ହୋଇ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଶିବିରରେ ପ୍ରଥମ ଦିବସରେ ଅଂଶ ଗ୍ରହଣ କରିଥିବା ୯୦ ଜଣ କର୍ମଚାରୀଙ୍କୁ ତାଲିମପ୍ରାପ୍ତ ପ୍ରଶିକ୍ଷକମାନେ ପ୍ରଶିକ୍ଷଣ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମର ଆୟୋଜକ ତଥା ମୁଖ୍ୟ ଅଧିକାରୀ ଭାବେ ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ ଅତିରିକ୍ତ ଦାୟିତ୍ୱରେ ନିଯୁକ୍ତ ହୋଇଛନ୍ତି। ତେବେ ଜନଗଣନା ସମୟରେ ସରକାରଙ୍କ ପକ୍ଷରୁ ଯେଉଁ ୩୪ ପ୍ରଶ୍ନ ଘରକୁ ଘର ବୁଲି ଲୋକଙ୍କୁ ପଚରାଯିବ ତାହାର ସଠିକ୍ ଉତ୍ତର ଦେବା ସହ ଜନଗଣନାରେ ନିଯୁକ୍ତ ଥିବା କର୍ମଚାରୀଙ୍କୁ ପୂର୍ଣ୍ଣ ମାତ୍ରାରେ ସହଯୋଗ କରିବାକୁ ତହସିଲ୍‌ଦାର ତଥା ଜନଗଣନା ଅଧିକାରୀ ଶ୍ରୀ ପାଣିଗ୍ରାହୀ ଅନୁରୋଧ କରିଛନ୍ତି। ଆୟୋଜିତ ପ୍ରଶିକ୍ଷଣ ଶିବିରକୁ ସତ୍ୟବାଦୀ ଅତିରିକ୍ତ ତହସିଲ୍‌ଦାର ଓମ୍ ପ୍ରକାଶ ପରିଡ଼ା ପରିଚାଳନା କରିଥିଲେ। ଉକ୍ତ ପ୍ରଶିକ୍ଷଣ ଶିବିର ସଠିକ୍ ପରିଚାଳନା ସହ ଜନଗଣନା କାର୍ଯ୍ୟକ୍ରମ ନିର୍ଭୁଲ ଭାବେ କିଭଳି ଚାଲିବ ତାହାର ତଦାରଖ କରିବା ଓ ଜନଗଣନା ସମୟରେ ଜନସାଧାରଣଙ୍କ କ୍ଷେତ୍ରରେ ଉପୁଜୁଥିବା ସମସ୍ତ ସମସ୍ୟା ସମାଧାନ ନିମନ୍ତେ ଆମର ସ୍ୱତନ୍ତ୍ର ପ୍ରୟାସ ରହିବ ବୋଲି ଅତିରିକ୍ତ ତହସିଲ୍‌ଦାର ଶ୍ରୀ ପରିଡ଼ା ସୂଚନା ଦେଇଛନ୍ତି।

## ବଳରାମ ଦାସଙ୍କ ଗାଦିର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



**ଗୋପ, ୨୫।୩(ସମିସ):** ଲକ୍ଷ୍ମୀପୁରାଣର ରଚୟିତା ସିଦ୍ଧ ପୁରୁଷ ଭକ୍ତ ବଳରାମ ଦାସଙ୍କ ଗାଦିର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ସେହିପରି ଏହା ନିକଟରେ ମହାଲକ୍ଷ୍ମୀଙ୍କ ଏକ ଭବ୍ୟ ମନ୍ଦିର ନିର୍ମାଣ ଲାଗି ଭୂମିପୂଜନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଏହି ମନ୍ଦିର ନିର୍ମାଣ ହେଲେ ଗୋପର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ବୁଧବାର ଗୋପ ବ୍ଲକ ସମେତ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ନିଜ ନିଜ ଅଗଣାର ପବିତ୍ର ମାଟି ଶୋଭାଯାତ୍ରାରେ ନେଇ ଭୂମିପୂଜନ ସ୍ଥଳରେ ପହଞ୍ଚିଥିଲେ। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଭୂମିପୂଜନ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଗୋପ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ, ସାଂସଦଙ୍କ ପ୍ରତିନିଧି ସୁଶାନ୍ତ କୁମାର ସ୍ୱାଇଁ, ପଦ୍ମଶ୍ରୀ ପ୍ରଭାକର ମହାରଣା, ପର୍ଯ୍ୟଟନ ନିର୍ଦ୍ଦେଶକ ଦିପଙ୍କର ମହାପାତ୍ର, ଅଧୀକ୍ଷଣ ଯନ୍ତ୍ରୀ ସୁନିଲ କୁମାର ବେହେରା, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ବିଡିଓ ସୂର୍ଯ୍ୟଶଙ୍କର ଦାସ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଶାନ୍ତ କୁମାର ସେନାପତି, ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ମାନଗୋବିନ୍ଦ ପରିଡ଼ା, ମହାଦେବ ବେହେରା, ପ୍ରକାଶ ଚନ୍ଦ୍ର ଖଟୋଇ, ପ୍ରଦୀପ କୁମାର ପାଢ଼ୀଙ୍କ ସମେତ ପଞ୍ଚସଖା ଭକ୍ତ ବଳରାମ ଦାସ ସମାଧି ପୀଠ ସୁରକ୍ଷା ସମିତିର କର୍ମକର୍ତ୍ତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ମା' ଲକ୍ଷ୍ମୀଙ୍କ ଭବ୍ୟ ମନ୍ଦିର ନିର୍ମାଣ ନିମନ୍ତେ ଭୂମି ପୂଜନ**

## ପର୍‌ମିଟ୍ ଥାଇ ଅସ୍ତରଙ୍ଗ ଅସୁନାହାନ୍ତି ଯାତ୍ରୀବାହୀ ବସ୍

**ଅସ୍ତରଙ୍ଗ, ୨୫।୩(ସମିସ):** ଅସ୍ତରଙ୍ଗ ବ୍ଲକର ସର୍ବଧର୍ମ ସମନ୍ୱୟର ପୀଠ ଜାହାନିଆ ପୀର୍, ଶକ୍ତି ପୀଠ ମା' ଉକୁଳେଇ, ଅନନ୍ୟ ପର୍ଯ୍ୟଟନସ୍ଥଳୀ ଗଙ୍ଗା ଦେବୀ ମୁହାଣ, ଲବଣ ସତ୍ୟାଗ୍ରହ ପୀଠ କୁହୁଡ଼ି, ନୂଆଗଡ଼ ମାଛଧରା ଜେଟି, ସହନ ଲୁଣା ଜଙ୍ଗଲ, କେଲୁଣୀ ମୁହାଣକୁ ବର୍ଷ ସାରା ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ବୁଲିବାକୁ ଆସୁଛନ୍ତି। ଏହି ଅଞ୍ଚଳରୁ ହଜାର ହଜାର ଲୋକ ବିଭିନ୍ନ କାର୍ଯ୍ୟରେ ବାହାରକୁ ଯିବାଆସିବା କରିଥାନ୍ତି। କିନ୍ତୁ ପରିତାପର ବିଷୟ, ଅସ୍ତରଙ୍ଗଠାରୁ କଟକ, ଭୁବନେଶ୍ୱର, ପୁରୀ ପ୍ରଭୃତି ଅଞ୍ଚଳକୁ ଦିନ ୪ଟା ପରେ କୌଣସି ଯାତ୍ରୀବାହୀ ବସ୍ ଚଳାଚଳ କରୁ ନ ଥିବାବେଳେ ଦିନ ହେଉ କି ରାତିରେ ଆସୁଥିବା ଅନେକ ବସ୍‌ର ଅସ୍ତରଙ୍ଗ ପର୍‌ମିଟ୍ ଥାଇ ମଧ୍ୟ ବର୍ଷ ବର୍ଷ ଧରି ଅସ୍ତରଙ୍ଗ ନ ଆସି କାକଟପୁରରେ ରହିଯାଉଛନ୍ତି। ଅସ୍ତରଙ୍ଗ ବୋର୍ଡ ଲଗାଇ ମିଛ କହି ଆଣୁଥିବା ଯାତ୍ରୀଙ୍କୁ ଅସ୍ତରଙ୍ଗ ପରିବର୍ତ୍ତେ କାକଟପୁରରେ ଓହ୍ଲାଇବା ଫଳରେ ଯାତ୍ରୀ, ପର୍ଯ୍ୟଟକ, ଭକ୍ତମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଅଟୋରେ ଅଧିକ ଭଡ଼ା ଦେଇ ଯିବାଆସିବା କରୁଛନ୍ତି। ତେଣୁ ଅସ୍ତରଙ୍ଗ ଅଞ୍ଚଳକୁ ପୁରୀ, ଭୁବନେଶ୍ୱର, କଟକରୁ 'ମୋ ବସ୍' ଚଳାଇବା ସହିତ ପର୍‌ମିଟ୍ ଥାଇ ଅସ୍ତରଙ୍ଗ ଆସୁ ନ ଥିବା ବସ୍ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳର ବୁଦ୍ଧିଜୀବୀ, ବ୍ୟବସାୟୀ ମହାସଂଘ, ପରିବହନ ବିଭାଗ ପାଖରେ ଦାବି ରଖିଛନ୍ତି। ତେଣୁ ତୁରନ୍ତ ପରିବହନ ବିଭାଗ ଏବଂ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଅସ୍ତରଙ୍ଗ ଅଞ୍ଚଳକୁ 'ମୋ ବସ୍' ଚଳାଇବା ସହିତ ଅସ୍ତରଙ୍ଗ ପର୍‌ମିଟ୍ ଥିବା ସମସ୍ତ ବସ୍ ଅସ୍ତରଙ୍ଗ ଆସିବା ବ୍ୟବସ୍ଥା କଲେ ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଯାତାୟାତ ସମସ୍ୟା ଦୂର ହୋଇପାରନ୍ତା।

**▸▸ ଦୁର୍ଦ୍ଦଶା ଭୋଗୁଛନ୍ତି ଯାତ୍ରୀ; ପରିବହନ ବିଭାଗର କାର୍ଯ୍ୟାନୁଷ୍ଠାନ ଶୂନ୍**
**▸▸ 'ମୋ ବସ୍' ଚଳାଇବାକୁ ଦାବି**



## ମା' ମଙ୍ଗଳାଙ୍କ ଝାମୁଯାତ୍ରା ପୂର୍ବରୁ ରାସ୍ତା କାମ ସାରିବାକୁ ଦାବି

**ଗମ୍ଭାରୀପଦା, ୨୫।୩(ସମିସ):** କାକଟପୁର ଜଳସେଚନ ଉପଖଣ୍ଡ ଅନ୍ତର୍ଗତ ଡେଲ୍‌ଟା ଛକଠାରୁ ଇକୋ ବ୍ୟାଙ୍କ ଛକ, ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ ଅନ୍ତର୍ଗତ ଚନ୍ଦନ ବଜାରଠାରୁ କନ୍ଦଳପୁର ରାସ୍ତା କାର୍ଯ୍ୟରେ ମନ୍ଥରତା ଯୋଗୁଁ କାକଟପୁର ବାଳିକା ବିଦ୍ୟାଳୟର ଛାତ୍ରୀ ଓ ସର୍ବସାଧାରଣଙ୍କ ଯାତାୟାତରେ ବାଧା ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଶିକ୍ଷାର୍ଥୀମାନେ ସାଇକଲରେ ଯିବାଆସିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ମା' ମଙ୍ଗଳାଙ୍କ ପାଳିଯାତ୍ରା ଚାଲୁଥିବାରୁ ପ୍ରତି ମଙ୍ଗଳବାର ଆଖପାଖ ଅଞ୍ଚଳ ସମେତ ରାଜ୍ୟ ତଥା ରାଜ୍ୟ ବାହାରର ବହୁ ସଂଖ୍ୟାରେ ମାତୃଭକ୍ତ ମା'ଙ୍କ ମନ୍ଦିରକୁ ଆସି ପୂଜାର୍ଚ୍ଚନା କରନ୍ତି। ରାସ୍ତା କାର୍ଯ୍ୟ ଅଧପନ୍ତରିଆ ହୋଇ ରାସ୍ତା ପାର୍ଶ୍ୱ ଖୋଳା ହୋଇ ବାଲି ଗଦା ହୋଇଥିବାରୁ ଯାତାୟାତରେ ବ୍ୟାହତ ସୃଷ୍ଟି ହେଉଛି। ଆଗକୁ ୫ମ ପାଳି ଝାମୁଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାକୁ ଥିବାରୁ ନିର୍ମାଣାଧୀନ ରାସ୍ତା କାମ ତୁରନ୍ତ ସାରିବା ପାଇଁ ପୂର୍ବତନ ବ୍ଲକ ଅଧକ୍ଷ ବିପିନ ବିହାରୀ ମହାନ୍ତି, ସମାଜସେବୀ ସୌମ୍ୟକାନ୍ତ ଖୁଣ୍ଟିଆ, ସନ୍ତୋଷ ସ୍ୱାଇଁଙ୍କ ସମେତ କାକଟପୁର ଅଞ୍ଚଳର ଶିକ୍ଷାବିତ୍, ବୁଦ୍ଧିଜୀବୀ, ସାଧାରଣ ଜନତା ଓ ମାତୃ ଭକ୍ତମାନେ ଉପଖଣ୍ଡ ଅଧିକାରୀ ଏବଂ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



## ନାହିଁ ନାହିଁରେ ଚାଲିଛି ନୟାହାଟ ଉଚ୍ଚ ବାଳିକା ବିଦ୍ୟାଳୟ

# କର୍ମଚାରୀ ମରୁଡ଼ି; ୯ ବଦଳରେ ଅଛନ୍ତି ୨ ଶିକ୍ଷକ

**ନୟାହାଟ, ୨୫।୩(ସମିସ):** ଶିକ୍ଷାଦାନକୁ ରାଜ୍ୟ ସରକାର ସବୁବେଳେ ଅଗ୍ରଗତି କରିବାକୁ ଡିଣ୍ଡିମ ପିଟୁଥିବାବେଳେ ଅଧିକାଂଶ ବିଦ୍ୟାଳୟରେ ଶିକ୍ଷକଶିକ୍ଷୟିତ୍ରୀ ଅଭାବ ଯୋଗୁଁ ଶିକ୍ଷାଦାନରେ ବାଧାପ୍ରାପ୍ତ ହେଉଛି। ଆବଶ୍ୟକୀୟ ଶିକ୍ଷକ ନିଯୁକ୍ତି କରୁ ନ ଥିବାରୁ ପିଲାମାନେ ଅଧାରୁ ପାଠ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି। ପିଲାମାନଙ୍କ ପାଇଁ ମାଟ୍ରିକ୍ ପରୀକ୍ଷା ଗୁରୁତ୍ୱପୂର୍ଣ୍ଣ ହେଉଥିବାବେଳେ ଶିକ୍ଷକ ଅଭାବ ଯୋଗୁଁ ଅଭିଭାବକମାନେ ତାଙ୍କ ପିଲାମାନେ କିପରି ପାଠପଢ଼ି ପରୀକ୍ଷା ଦେବେ ସେଥିପାଇଁ ଚିନ୍ତାରେ ଅଛନ୍ତି। ଏଭଳି ଏକ ଘଟଣା ପୁରୀ ଜିଲ୍ଲା ଗୋପ ବ୍ଲକ ନୟାହାଟ ବାଳିକା ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ୯ ଜଣ ଶିକ୍ଷକ ପରିବର୍ତ୍ତେ ୨ ଜଣ ଶିକ୍ଷକ କାର୍ଯ୍ୟ କରୁଛନ୍ତି। ଏହା ସହିତ କିରାଣି ଜଣେ, ଚତୁର୍ଥ ଶ୍ରେଣୀ କର୍ମଚାରୀ ୨ ଜଣ ନାହାନ୍ତି। ନାହିଁ ନାହିଁରେ ବାଳିକା ଉଚ୍ଚ ବିଦ୍ୟାଳୟ ଚାଲିଥିବା ସମ୍ପର୍କରେ ମହେଶ୍ୱର ମିଶ୍ର, ଦେବେନ୍ଦ୍ର ମହାନ୍ତି, କୈଳାସ ପ୍ରଧାନ ପ୍ରମୁଖ ୮୦ରୁ ଊର୍ଦ୍ଧ୍ୱ ଅଭିଭାବକ ପୁରୀ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବାର ୬ ମାସ ବିତିଯାଇଥିବା ବେଳେ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇନାହିଁ।

ପ୍ରକାଶ ଥାଉକି, ଉକ୍ତ ବିଦ୍ୟାଳୟରେ ଜଣେ ଶିକ୍ଷୟିତ୍ରୀ ସଙ୍ଗୀତା ଜେନା ଏଠାରେ ୪ବର୍ଷ ହେଲା ନିଯୁକ୍ତି ପାଇଥିଲେ ମଧ୍ୟ ଏଠାକୁ ନ ଆସି ଅନ୍ୟତ୍ର ବିଦ୍ୟାଳୟରେ କାର୍ଯ୍ୟ କରି ଏଠାରୁ ଦରମା ନେଉଛନ୍ତି। ଜନୈକା ବିଜ୍ଞାନ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରି ତାଙ୍କ ସ୍ଥାନରେ କାହାରିକୁ ନିଯୁକ୍ତି ଦିଆଯାଇନାହିଁ। ଉକ୍ତ ବିଦ୍ୟାଳୟରେ ମାତ୍ର ୨ଜଣ ଶିକ୍ଷକରେ ପାଠପଢ଼ା ହେଉଥିବାରୁ ବିଦ୍ୟାଳୟଟି ଆଗକୁ ବନ୍ଦ ହୋଇଯିବା ଜଳଜଳ ଦେଖାଯାଉଛି। ଏ ଦିଗରେ ରାଜ୍ୟ ଶିକ୍ଷାମନ୍ତ୍ରୀ, ଶିକ୍ଷା ସଚିବ ଓ ପୁରୀ ଉପଜିଲ୍ଲାପାଳ ଦୃଷ୍ଟି ଦେବାକୁ ଅଭିଭାବକମାନେ ନିବେଦନ କରିଛନ୍ତି।

**ଶିକ୍ଷାଦାନରେ ବଧାପ୍ରାପ୍ତ; ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ**




## ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ନିମନ୍ତ୍ରଣପତ୍ର ବଣ୍ଟନ

**କଣାସ, ୨୫।୩(ସମିସ):** ନୂତନ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ୨୦୨୬-୨୭ ଶିକ୍ଷା ବର୍ଷ ପାଇଁ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ଏପ୍ରିଲ୍ ୨ ତାରିଖରୁ ଛାତ୍ରଛାତ୍ରୀଙ୍କ ନାମଲେଖା ଆରମ୍ଭ ହେବାକୁ ଯାଉଛି। ଏହି ଅବସରରେ ବିଦ୍ୟାଳୟରେ ଅନୁଷ୍ଠିତ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ପାଇଁ ସରକାରଙ୍କ ପ୍ରଦତ୍ତ ନିମନ୍ତ୍ରଣ ପତ୍ର ପୁରୀ ଜିଲ୍ଲା କଣାସ ବ୍ଲକର ବିଭିନ୍ନ ଗ୍ରାମରେ ସରପଞ୍ଚ, ସମିତିସଭ୍ୟ, ୱାର୍ଡ ସଭ୍ୟ, ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ସିଆର୍‌ସିସି ଓ ଅନ୍ୟାନ୍ୟ ଅଧିକାରୀ ମିଶି ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ଯୋଗଦେବା ପାଇଁ ଅଭିଭାବକଙ୍କୁ ପ୍ରଦାନ କରିଛନ୍ତି। ବିଶେଷ କରି ବୁଧବାର ବଡାସ ଗ୍ରାମରେ କଣାସ ତହସିଲ୍‌ଦାର ହିମାଂଶୁ ଶେଖର ଗିରି, ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା, ସହ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ବେହେରା, ସ୍ଥାନୀୟ ସାଧନ କର୍ମୀ ସଂଯୋଜିକା ସସ୍ମିତା ଜାଲି ଓ ପ୍ରଧାନଶିକ୍ଷକ ମହେଶ୍ୱର ବେହେରା ପ୍ରମୁଖ ଖଡ଼ିଛୁଆଁ ଲାଗି ସମସ୍ତ ୫ ବର୍ଷର ଶିଶୁଙ୍କ ଅଭିଭାବକଙ୍କ ନିକଟରେ ପହଞ୍ଚି ନିମନ୍ତ୍ରଣ ପତ୍ର ବଣ୍ଟନ କରି ନାମ ଲେଖାଇବା ପାଇଁ ସଚେତନତା ସୃଷ୍ଟି କରିଥିଲେ। ନୂତନ ଶିକ୍ଷା ନୀତି ଅନୁସାରେ ଗୁଣାତ୍ମକ ଶିକ୍ଷା ପ୍ରଦାନକୁ ଗୁରୁତ୍ୱ ଦିଆଯାଉଥିବା ଓ ଶତ ପ୍ରତିଶତ ନାମ ଲେଖାଇବା ପାଇଁ ଅଭିଭାବକଙ୍କୁ ସଚେତନ କରାଯାଉଥିବା ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ବେହେରା ପ୍ରକାଶ କରିଛନ୍ତି। ଏହି ବଣ୍ଟନ କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ ପ୍ରମୁଖ ସହାୟତା କରୁଥିବା ଦେଖିବାକୁ ମିଳିଛି।



## ନିଖୋଜ ଯୁବକଙ୍କ ମୃତଦେହ ପୋଖରୀରୁ ଉଦ୍ଧାର



**କଣାସ, ୨୫।୩(ସମିସ):** କଣାସ ଥାନା ତ୍ରିଲୋଚନପୁର ଗ୍ରାମ ପଞ୍ଚାୟତ ନୂଆପଡ଼ା ଗ୍ରାମର ବନବିହାରୀ ଦାଶ (୨୬) ମଙ୍ଗଳବାର ସନ୍ଧ୍ୟାରୁ ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ପାଇ ନ ଥିଲେ। ବୁଧବାର ମଧ୍ୟାହ୍ନରେ ନିଖୋଜ ବନବିହାରୀଙ୍କ ମୃତଦେହ ଘର ପାଖ ପୋଖରୀରେ ଭାସୁଥିବା ଗ୍ରାମବାସୀ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ବନବିହାରୀଙ୍କ ବାପା-ମାଆଙ୍କର ପୂର୍ବରୁ ମୃତ୍ୟୁ ହୋଇଯାଇଥିବାରୁ ତାଙ୍କ ମାମୁ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି କଣାସ ପୁଲିସକୁ ଜଣାଇବା ସହ ଭଣଜା ବନବିହାରୀଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାମୁ କାର୍ତ୍ତିକ ଦାଶ କଣାସ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ଥାନା ଅଧିକାରୀ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛନ୍ତି।

## ବିଳମ୍ବିତ ରାତିରେ ଦୋକାନରୁ ଚୋରି

**ସାକ୍ଷୀଗୋପାଳ, ୨୫।୩(ସମିସ):** ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ମିଥୁନ ସାହୁଙ୍କର ମହାଲକ୍ଷ୍ମୀ ଭେରାଇଟି ଷ୍ଟୋର୍‌ରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଯାଇଛି। ଚୋରମାନେ ଦୋକାନ କବାଟ ତାଲା କାଟି ନଗଦ ୪୨୦୦ ଟଙ୍କା, ସିଗାରେଟ୍, ସାଉଣ୍ଡ ବକ୍ସ, ମୋବାଇଲ୍ ଚାର୍ଜର, ପାନ ମସଲା ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଛନ୍ତି। ଆନୁମାନିକ ୩୦ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇଯାଇଛି ବୋଲି ଦୋକାନୀ ଶ୍ରୀ ସାହୁ ପ୍ରକାଶ କରିଥିଲେ। ଶ୍ରୀ ସାହୁ ଏ ସମ୍ପର୍କରେ ସତ୍ୟବାଦୀ ଥାନାରେ ଅଭିଯୋଗ କରିଥିଲେ। ସତ୍ୟବାଦୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ଖୁବ୍‌ଶୀଘ୍ର ଚୋରମାନଙ୍କୁ ଗିରଫ କରାଯିବ ବୋଲି ସତ୍ୟବାଦୀ ଆଇଆଇସି ସୌମ୍ୟରଞ୍ଜନ ମହାଳିକ ପ୍ରକାଶ କରିଛନ୍ତି।

# ଡେଲାଙ୍ଗ ବ୍ଲକ୍ ଅଧକ୍ଷା ଦାୟିତ୍ୱ ନେଲେ ରମାଦେବୀ

**ଡେଲାଙ୍ଗ, ୨୫।୩(ସମିସ)**



ଡେଲାଙ୍ଗ ବ୍ଲକ ଅଧକ୍ଷା ଭାବେ ବୁଧବାର ରମାଦେବୀ ରାଉତରାୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ବ୍ଲକ ଉନ୍ନୟନ ଅଧିକାରୀ ସମୀର ବେହେରା ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିବା ସହିତ ବିଭିନ୍ନ ସରକାରୀ କାଗଜପତ୍ରରେ ହସ୍ତାକ୍ଷର କରାଇଥିବା ଜଣାପଡ଼ିଛି।

ସୂଚନା ଥାଉକି, ୨୦୨୨ ପଞ୍ଚାୟତ ନିର୍ବାଚନରେ ହରିରାଜପୁର ପଞ୍ଚାୟତର ସମିତିସଭ୍ୟା ଭାବେ ବାସନ୍ତୀ ସାହୁ ନିର୍ବାଚିତ ହୋଇଥିଲେ। ପରେ ପଞ୍ଚାୟତ ସମିତି ଅଧକ୍ଷା ପଦ ପାଇଁ ଶ୍ରୀମତୀ ସାହୁ ନାମାଙ୍କନ ଦାଖଲ କରିଥିବାବେଳେ ଡେଲାଙ୍ଗ-କୋଠବାଡ଼ ପଞ୍ଚାୟତ ସମିତିସଭ୍ୟା ରମାଦେବୀ ରାଉତରାୟ ତାଙ୍କୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏହି ପ୍ରକ୍ରିୟାରେ ଶ୍ରୀମତୀ ସାହୁ ୩ ଖଣ୍ଡ ଭୋଟରେ ବିଜୟୀ ହୋଇ ପଞ୍ଚାୟତ ସମିତି ଅଧକ୍ଷା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କର ତିନିଟି ସନ୍ତାନ ରହିଥିବା ନେଇ ପ୍ରତିଦ୍ୱନ୍ଦ୍ୱୀ ଶ୍ରୀମତୀ ରାଉତରାୟ ପିପିଲି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ନିର୍ବାଚନୀ ମୋକଦ୍ଦମା ବିଚାର ପରେ ଶ୍ରୀମତୀ ସାହୁଙ୍କ ଉଭୟ ପଦ ଅସିଦ୍ଧ ଘୋଷଣା କରିବାରୁ ସେ ଅତିରିକ୍ତ ଜିଲ୍ଲା ବିଚାରପତିଙ୍କ ଦ୍ୱାରସ୍ଥ ହୋଇଥିଲେ। ସେଠାରେ ମଧ୍ୟ ଉକ୍ତ ମାମଲା ରଦ୍ଦ ହୋଇ ନିମ୍ନ ଅଦାଲତଙ୍କ ଆଦେଶ ବଳବତ୍ତର ରହିବାରୁ ଶ୍ରୀମତୀ ସାହୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେହିପରି ପ୍ରତିପକ୍ଷ ଶ୍ରୀମତୀ ରାଉତରାୟ ମଧ୍ୟ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇ ପିପିଲି ଅଦାଲତଙ୍କ ରାୟ ଅନୁଯାୟୀ ତାଙ୍କ ସପକ୍ଷରେ ନ୍ୟାୟ ଦେବାକୁ ଗୁହାରି କରିଥିଲେ। ଉଭୟ ପକ୍ଷଙ୍କ ମାମଲାର ଶୁଣାଣି କରି ଉଚ୍ଚ ନ୍ୟାୟାଳୟ ଗତ ବର୍ଷ ଡିସେମ୍ବର ୧୫ ତାରିଖରେ ଶ୍ରୀମତୀ ସାହୁଙ୍କ ଅପିଲ ଆବେଦନକୁ ଖାରଜ କରିଥିଲେ। ପୁରୀ ଜିଲ୍ଲା ଜଜ୍‌ଙ୍କ ଆଦେଶ କ୍ରମେ ଶ୍ରୀମତୀ ସାହୁଙ୍କୁ ପଦଚ୍ୟୁତ କରିବା ଓ ପୁନର୍ବାର ନିର୍ବାଚନ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ପରେ ଉଭୟ ପକ୍ଷ ସର୍ବୋଚ୍ଚ ନାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶ୍ରୀମତୀ ସାହୁଙ୍କ ପଦ ଅସିଦ୍ଧ ଘୋଷଣା କରି ଶ୍ରୀମତୀ ରାଉତରାୟଙ୍କୁ ଅଧକ୍ଷା ଭାବେ ଦାୟିତ୍ୱ ପ୍ରଦାନ କରିବା ସହିତ ଆବଶ୍ୟକୀୟ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ। ଗତ ୨୩ ତାରିଖରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ମୁତାବକ ଶ୍ରୀମତୀ ରାଉତରାୟଙ୍କୁ ବିଧିବଦ୍ଧ ଭାବେ ଡେଲାଙ୍ଗ ବ୍ଲକ ଅଧକ୍ଷା ଭାବେ ଦାୟିତ୍ୱ ପ୍ରଦାନ କରିବାକୁ ଚିଠି ମାଧ୍ୟମରେ ଡେଲାଙ୍ଗ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଏନେଇ ବୁଧବାର ଶ୍ରୀମତୀ ରାଉତରାୟ ତାଙ୍କ ସମର୍ଥକମାନଙ୍କ ସହିତ ବେନୁପଡ଼ା ଗାଦିବ୍ରହ୍ମ ପୀଠରୁ ବିଶାଳ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ବ୍ଲକ ଉନ୍ନୟନ ଅଧିକାରୀ ଶ୍ରୀ ବେହେରା ତାଙ୍କୁ ବ୍ଲକ ଅଧକ୍ଷା ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହି ଶୋଭାଯାତ୍ରାରେ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର, ଆଇନଜୀବୀ ଅନୁପ ପରିଡ଼ା, ପ୍ରମୋଦ ପାତ୍ର, ସମିତିସଭ୍ୟା ସ୍ୱର୍ଣ୍ଣଲତା ନାୟକ, ଗୀତାଞ୍ଜଳି ପ୍ରଧାନ, ସତ୍ୟଭମା ଜେନା, ସଭ୍ୟ ପ୍ରଭାତ କୁମାର ଜେନା, ସରପଞ୍ଚ ଲକ୍ଷ୍ମୀପ୍ରିୟା ପ୍ରଧାନ, ହିରଣ୍ମୟୀ ମହାପାତ୍ର, ଶେଷଦେବ ବାରିକ, ଯୁବନେତା ନିର୍ମଳ ପରିଡ଼ା, ରାଧା ମୋହନ, ପ୍ରଶାନ୍ତ ପଲେଇ, ବରିଷ୍ଠ କଂଗ୍ରେସ କର୍ମୀ କ୍ଷେତ୍ରମୋହନ ସାହୁ, କବିତା ବରାଳ, ପ୍ରଦ୍ୟୁମ୍ନ ପରିଡ଼ା, ସୁବାସ ପ୍ରଧାନ, ପ୍ରହଲ୍ଲାଦ ପ୍ରଧାନ ପ୍ରମୁଖଙ୍କ ସମେତ ଶତାଧିକ ସମର୍ଥକ ସାମିଲ୍ ହୋଇଥିଲେ।

୪୪ତମ ଶ୍ରଦ୍ଧା ସ୍ମରଣ ବାର୍ଷିକୀ
ତା ୨୬.୦୩.୨୦୨୬ ଶ୍ରୀରାମ ନବମୀ



ସ୍ୱର୍ଣ୍ଣଲତା ପରିଡ଼ା
ଧରାଶ୍ରୟ :ପୌଷ ଶୁକ୍ଳ ଚତୁର୍ଥୀ ୧୯୩୩
ସ୍ୱର୍ଗବାସ : ଚୈତ୍ର ଶୁକ୍ଳ ନବମୀ ୧୯୮୨
ସ୍ୱାମୀ : ଡାକ୍ତର ହରେକୃଷ୍ଣ ପରିଡ଼ା
ବଡ଼ସଲାରୋ, ଚାନ୍ଦୋଳ, କେନ୍ଦ୍ରାପଡ଼ା
ମା ! ଚୈତ୍ରନବରାତ୍ରୀ ଓ ଶ୍ରୀରାମଙ୍କ ତିଥିରେ ତୁମେ ଅହ୍ୟ ସୁଲକ୍ଷଣୀ ହୋଇ ଚାଲିଗଲ। ସେଦିନୁ ସବୁ ଶ୍ରୀରାମନବମୀ ଆମ ପାଇଁ ତୁମ ଶ୍ରଦ୍ଧାସ୍ମରଣ ଓ ପିଣ୍ଡଦାନ ତିଥି। ତୁମକୁ ମୋକ୍ଷଗତି ମିଳୁ। ଠାକୁରଙ୍କୁ ଡାକୁଛୁ।
ଶୋକସନ୍ତପ୍ତ :
ପୁଅବୋହୂ, ନାତିନାତୁଣୀ, ଅଣନାତିନାତୁଣୀମାନେ

**ଅଭିଶପ୍ତ ଆଦିବାସୀ**

# କ୍ଷୁଧା ମେଣ୍ଟାଉଛି ବିଭିନ୍ନ ପତ୍ର ଓ କନ୍ଦା

ଖଣ୍ଡପଡ଼ା,୨୫ ।୩(ସମିସ)



ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ସିଂଘାପଡ଼ା ପଞ୍ଚାୟତରେ ଏମିତି କିଛି ଗାଁ ରହିଛି ଯେଉଁଠି ଗମନାଗମନ ପାଇଁ ରାସ୍ତା, ପିଇବା ପାଣି, ବିଜୁଳି, ଏବଂ ଶିକ୍ଷା ବ୍ୟବସ୍ଥା ନ ଥିବା ସାମ୍ନାକୁ ଆସିଛି । ଏହି ଅଞ୍ଚଳ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ପଶ୍ଚିମାଞ୍ଚଳ ଭାବେ ପରିଚିତ । ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ତଥା ଅପହଞ୍ଚ ଇଲାକାର ନାଁ ହେଉଛି "ବୁଢ଼ିଝରି'। ସିଂଘାପଡ଼ାଠାରୁ ଦକ୍ଷିଣ ପାର୍ଶ୍ୱକୁ ପ୍ରାୟ ୭ କିଲୋମିଟର ଗଲା ପରେ ଆରମ୍ଭ ହୁଏ ସାପୁଆ ସଂରକ୍ଷିତ ଜଙ୍ଗଲ । ଜଙ୍ଗଲ ମଧ୍ୟରେ ଥିବା ଅଣଓସାରିଆ ମାଟି ରାସ୍ତାରେ କିଛିବାଟ ଗଲାପରେ ସାରଣ୍ଡା ଗାଁ ପଡ଼େ । ସେଠାରୁ ଜଙ୍ଗଲ ମଧ୍ୟରେ ପ୍ରାୟ ୨ କିଲୋମିଟର ଗଲେ ପଡ଼େ ଘଞ୍ଚ ଜଙ୍ଗଲ ଓ ପାହାଡ଼ ଘେରା ଛୋଟିଆ ପଲ୍ଲୀ ଗାଁ ବୁଢ଼ିଝରି । ଏଠାରେ ମାତ୍ର ୬ ବାସ କରୁଥିବା ବେଳେ ସମସ୍ତେ କନ୍ଧ ସମ୍ପ୍ରଦାୟର । ଦୀର୍ଘ ୭୦ ବର୍ଷ ହେଲା ଏଠାରେ ଏହି ଲୋକମାନେ ବସତି ସ୍ଥାପନ କରି ରହିଆସୁଛନ୍ତି । ଏମାନେ ଦିନ ମଜୁରିଆ ଭାବେ କାମକରି ପରିବାର ପ୍ରତିପୋଷଣ କରିଥାନ୍ତି । ଚାଷବାସ ପାଇଁ ଉପଯୁକ୍ତ ଭିତ୍ତିଭୂମି ନ ଥିବାରୁ ସେଥିରୁ ବଞ୍ଚିତ ହେଉଥିବା ଦୁଃଖର ସହ ପ୍ରକାଶ କରିଛନ୍ତି ଗ୍ରାମବାସୀ । ଏସବୁ ପରେ ଏହି ଗ୍ରାମକୁ ସରକାରୀ ଯୋଜନାରେ କୌଣସି ସହାୟତା ମିଳିନାହିଁ । ମୁଖ୍ୟତଃ ଗମନାଗମନ ପାଇଁ ଗାଁକୁ ପକ୍କା ରାସ୍ତାଟିଏ ନାହିଁ । ଫଳରେ ବର୍ଷା ଦିନେ ଲୋକକେ ନାହିଁ ନ ଥିବା ହଇରାଣ ହୁଅନ୍ତି । ପିଇବା ପାଣିର ଘୋର ଅଭାବ । ନିକଟରେ ଥିବା ଝରଣା ପାଣିକୁ ବର୍ଷସାରା ପାନୀୟ ଜଳ ଭାବେ ବ୍ୟବହାର କରିବା ଏବଂ ସେଥିରେ ସ୍ନାନ ଶୌଚ କରୁଥିବା କହିଛନ୍ତି ଗ୍ରାମବାସୀ । ବର୍ଷର ଅନେକ ସମୟ ସ୍ୱଚ୍ଛ ଜଳ ଅଭାବରୁ ଦୂଷିତ ପାଣି ବ୍ୟବହାର କରିବା ଦ୍ୱାରା ଲୋକେ ବିଭିନ୍ନ ପେଟ ରୋଗରେ ଆକ୍ରାନ୍ତ ହେଉଛନ୍ତି । ସେହିଭଳି ଶିକ୍ଷା କଥା କହିଲେ ନ ସରେ । ଗାଁର ପିଲାମାନଙ୍କୁ ପାଠ ପଢ଼ିବାକୁ ହେଲେ ନିକଟସ୍ଥ ଗ୍ରାମ କନ୍ଧମିରିଗି ଏବଂ ସାରଣ୍ଡା ଗ୍ରାମରେ ନିଜ ସମ୍ପର୍କୀୟମାନଙ୍କ ଘରେ ରହିବାକୁ ପଡୁଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବଜାରଠାରୁ ଏମାନେ ବହୁ ଦୂରରେ ଥିବାରୁ ପନିପରିବା ଏବଂ ହାଟ ସଉଦା କରିବାରେ ନାନା ଅସୁବିଧା ହୋଇଥାଏ । ତେଣୁ ଅଧିକାଂଶ ସମୟରେ ଏମାନେ ଭାତ ସହ ସଜନା ଶାଗ ଓ କଲରା ପତ୍ର ଖାଇ ଜୀବନ ନିର୍ବାହ କରୁଛନ୍ତି । ଏପରିକି ନିଜ ସମସ୍ୟା ଜଣାଇବା ପାଇଁ ଲୋକେ ପଞ୍ଚାୟତ କାର୍ଯ୍ୟାଳୟ କିମ୍ବା ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇପାରୁ ନ ଥିବା କହିଛନ୍ତି । ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ନେତାଙ୍କୁ ଅଡୁଆ ଜିଲ୍ଲାପାଳଙ୍କ 'ଫାଷ୍ଟ କମ୍ ଫାଷ୍ଟ ସର୍ଭ' ନିର୍ଦ୍ଦେଶ

ଭାପୁର,୨୫ ।୩(ସମିସ): ନୟାଗଡ଼ ଜିଲ୍ଲାର ପ୍ରତି ବ୍ଲକରେ ହଜାର ହଜାର ବୟସ୍କ ବୃଦ୍ଧବୃଦ୍ଧା ବାର୍ଦ୍ଧକ୍ୟ ଭତ୍ତା ଓ ଭିନ୍ନକ୍ଷମ ବ୍ୟକ୍ତିମାନେ ଭିନ୍ନକ୍ଷମ ଭତ୍ତା ପାଇବା ପାଇଁ ଆବେଦନ କରି ବର୍ଷ ବର୍ଷ ଧରି ଅପେକ୍ଷା କରିଥିଲାବେଳେ ସରକାର ନୂଆ ଭତ୍ତା ପ୍ରଦାନ କରୁନାହାନ୍ତି । ପୂର୍ବରୁ ଭତ୍ତା ପାଉଥିବା ବ୍ୟକ୍ତିମାନଙ୍କ ମୃତ୍ୟୁରେ ଖାଲି ହେଉଥିବା ସ୍ଥାନରେ ନୂତନ ଆବେଦାକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଛି । ହେଲେ ଏହି ଭତ୍ତା ପ୍ରଦାନରେ ସ୍ଥାନୀୟ ନେତାମାନଙ୍କ ଚାପରେ ବେନିୟମ ଭାବେ ପଛରେ ଆବେଦନ କରିଥିବା ବ୍ୟକ୍ତି ଭତ୍ତା ପାଉଥିବାବେଳେ ବର୍ଷ ବର୍ଷ ହେଲା ଆବେଦନ କରି ରହିଥିବା ଆଶାୟୀମାନେ ସେମାନଙ୍କ ହକ୍‌ରୁ ବଞ୍ଚିତ ହେଉଛନ୍ତି । ଏ ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ପରେ ଜିଲ୍ଲାପାଳ ସମସ୍ତ ବିଡିଓ ଓ ଭତ୍ତା ମଞ୍ଜୁର କରୁଥିବା ଅଧିକାରୀମାନଙ୍କୁ ଚିଠି କରି 'ଫାଷ୍ଟ କମ ଫାଷ୍ଟ ସର୍ଭ' ନିୟମ ଆପଣେଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଯାହା କିଛି କୁଜିନେତାଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି ।

ଜିଲ୍ଲାପାଳ ଫେବୃଆରୀ ୧୯ ତାରିଖ ଚିଠି ନମ୍ବର ୫୭୦ରେ ସମସ୍ତ ବ୍ଲକକୁ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି । ଚିଠି ଅନୁଯାୟୀ କେନ୍ଦ୍ରର ଇନ୍ଦିରା ଗାନ୍ଧୀ ଭତ୍ତା ଓ ରାଜ୍ୟ ସରକାରଙ୍କ ମଧୁବାବୁ ଭତ୍ତା ଯୋଜନାରେ ଭତ୍ତା ପାଉଥିବା ହିତାଧିକାରୀଙ୍କ ମୃତ୍ୟୁରେ ଖାଲି ହେଉଥିବା ସ୍ଥାନରେ ପୂର୍ବରୁ ଆବେଦନ କରିଥିବା ହିତାଧିକାରୀଙ୍କ ପାଇଁ 'ଫାଷ୍ଟ କମ ଫାଷ୍ଟ ସର୍ଭ'' ନୀତି ଅନୁଯାୟୀ ମୋଟ ଭତ୍ତାର ୬୫ ପ୍ରତିଶତ ପ୍ରଦାନ କରାଯିବ । ଅବଶିଷ୍ଟ ୨୦ ପ୍ରତିଶତ ଭିନ୍ନକ୍ଷମ, ୧୦ ପ୍ରତିଶତ ବିଧବା, ୨ ପ୍ରତିଶତ ଛାଡ଼ପତ୍ର ଓ ଅବିବାହିତ ମହିଳା ଓ ୩ ପ୍ରତିଶତ ସ୍ୱତନ୍ତ୍ର ଭାବେ ସର୍ବାଧିକ ବୟସ ବର୍ଗର ବ୍ୟକ୍ତି ବିଶେଷ ତଥା ଅତି ଆବଶ୍ୟକ କରୁଥିବା ଆବେଦନକାରୀଙ୍କୁ ପ୍ରଦାନ କରାଯିବ । ଯଦି ଉପରୋକ୍ତ କୌଣସି ବର୍ଗରେ କେହି ଆବେଦନକାରୀ ନ ଥିବେ ତେବେ ଏହି ବର୍ଗ ପାଇଁ ଉଦ୍ଦିଷ୍ଟ ଅନୁପାତିକ ଭାଗ ପ୍ରଥମ ବର୍ଗରେ ଆବେଦନ କରିଥିବା ଲୋକଙ୍କୁ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି । ଫଳରେ ବ୍ଲକ ଅଧିକାରୀଙ୍କୁ ଚାପ ପ୍ରୟୋଗ କରି ବେଆଇନ ଭାବେ ନିଜ ଦଳ ଓ ନିଜ ଲୋକଙ୍କ ପାଇଁ ଭତ୍ତା କରାଇ ହାତ ଚିକ୍କଣ କରୁଥିବା ଦଲାଲ ନେତାଙ୍କ ଚିନ୍ତା ବଢ଼ିଯାଇଛି । ପୂର୍ବ ଜିଲ୍ଲାପାଳମାନଙ୍କ ସମୟରେ ଭତ୍ତା ବଣ୍ଟନରେ ସ୍ୱଚ୍ଛତା ରହୁ ନ ଥିବା ଅଭିଯୋଗ ଆସୁଥିଲା । ବର୍ତ୍ତମାନର ଜିଲ୍ଲାପାଳ ମଧୁମିତା ରଥ ଜିଲ୍ଲା ଓ ବ୍ଲକ ପ୍ରଶାସନରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଉଥିବାରୁ କିଛି ଅସାଧୁ ରାଜନେତାଙ୍କ ବୋଲକରା ପ୍ରଶାସନିକ ଅଧିକାରୀଙ୍କ ପାଇଁ ଏଥିରେ ଅଙ୍କୁଶ ଲାଗିଯାଇଛି ।

ଭାପୁର ବ୍ଲକରେ ବର୍ତ୍ତମାନ ମଧୁବାବୁ ପେନସନ ଯୋଜନାରେ ୧୦ ହଜାର ଓ ଇନ୍ଦିରା ଗାନ୍ଧୀ ପେନସନ ଯୋଜନାରେ ୬ ହଜାର ହିତାଧିକାରୀ ଉପକୃତ ହେଉଛନ୍ତି । ବର୍ତ୍ତମାନ ବ୍ଲକରେ ଆହୁରି ୧୫ ଶହ ହିତାଧିକାରୀ ଭତ୍ତା ପାଇବା ପାଇଁ ଆବେଦନ କରି ଅପେକ୍ଷାରେ ରହିଛନ୍ତି । ଗତ ସାଧାରଣ ନିର୍ବାଚନ ସମୟରେ ବିଜେପି ମାସିକ ୩୫ ଶହ ଟଙ୍କା ଭତ୍ତା ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇ ଶାଶନ କ୍ଷମତା ଦଖଲ କରିଥିଲା । ତେବେ କ୍ଷମତା ହାତେଇବା ପରେ ସରକାର ସମସ୍ତଙ୍କୁ ୩୫୦୦ ଟଙ୍କା ନୁହେଁ ବରଂ ୮୦ ବର୍ଷରୁ ଊର୍ଦ୍ଧ୍ୱ ଓ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଏହି ବର୍ଦ୍ଧିତ ଭତ୍ତା ଦେବାକୁ ନିଷ୍ପତ୍ତି ନେଇଥିଲେ । ଏହି ବର୍ଦ୍ଧିତ ଭତ୍ତା ପାଇବା ପାଇଁ ମଧ୍ୟ ଶତାଧିକ ବରିଷ୍ଠ ଓ ଭିନ୍ନକ୍ଷମ ହିତାଧିକାରୀ ଦୀର୍ଘଦିନ ହେଲା ଆବେଦନ କରି ଚାହିଁ ରହିଥିଲେ ହେଁ ଜିଲ୍ଲା ପ୍ରଶାସନ ଟାର୍ଗେଟ ନାହିଁ କହି ଏହି ଯୋଗ୍ୟ ହିତାଧିକାରୀଙ୍କ ଆବେଦନକୁ ଏଡ଼ାଇ ଚାଲିଛି । ଯାହା ଶାସକ ଦଳର ଲୋକପ୍ରିୟତାକୁ ସାଧାରଣରେ ହ୍ରାସ କରୁଛି । ନିର୍ବାଚନ ସମୟରେ ପ୍ରଦାନ କରାଯାଇଥିବା ଏଭଳି ଅନେକ ପ୍ରତିଶ୍ରୁତି ପାଳନ କରିବା ପାଇଁ ରାଜ୍ୟ ସରକାରଙ୍କ ପାଖେ ଅର୍ଥ ଅଭାବ ଥିବାରୁ ଏପରି ଲୋକହସା ହେଉଥିବା ସାଧାରଣରେ ଆଲୋଚନା ହେଉଛି ।

## ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ




ଓଡ଼ଗାଁ,୨୫ ।୩(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ରାଧାକାନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବୁଧବାର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଧୁମଧାମରେ ପାଳିତ ହୋଇଛି । ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଅନିଲ୍ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ପାଠପଢ଼ା ସହ ଖେଳକୁଦକୁ ସମାନ ଗୁରୁତ୍ୱ ଦେବାକୁ ଉପଦେଶ ଦେଇଥିଲେ । ଶରୀର ସୁସ୍ଥ ରହିଲେ ସମସ୍ତ କାର୍ଯ୍ୟ ସହଜ, ସଫଳ ହୋଇଥାଏ ବୋଲି ସେ କହିଥିଲେ । ମୁଖ୍ୟବକ୍ତା ଭାବେ ସମାଜସେବୀ ଦିବାକର ନାୟକ ଯୋଗଦେଇ ଖେଳରେ ନିପୁଣତା ଅର୍ଜନ କରି ଜୀବନରେ ସଫଳତା ହାସଲ କରିବାକୁ ପ୍ରେରଣା ପ୍ରଦାନ କରିଥିଲେ । ବିଶିଷ୍ଟ ଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ଜଳନ୍ଧର ରଥ ଯୋଗଦେ "ଆମ କର୍ମ ହିଁ ଆମ ପରିଚୟ' ବୋଲି ଉଲ୍ଲେଖ କରିବା ସହ ଛାତ୍ରୀମାନଙ୍କୁ ସତ୍‌କର୍ମ ମାଧ୍ୟମରେ ନିଜ ପରିଚୟ ଗଢ଼ିବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅଗ୍ନି ନିରାପତ୍ତା ଅଧିକାରୀ ପ୍ରଦୀପ ପ୍ରଭାମୟ ପାତ୍ର, ଏଆରସିସି ସଂଯୋଜକ ନରେଶ ପାଣିଗ୍ରାହୀ, ଅନ୍ତର୍ଜାତୀୟ ଖେଳାଳି ବର୍ଷା ପ୍ରିୟଦର୍ଶିନୀ ଏବଂ ପରିଚାଳନା କମିଟି ସଭାପତି ବରେନ୍ଦ୍ର କୁମାର ନନ୍ଦ ଯୋଗଦେଇ ଛାତ୍ରୀମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ କ୍ରୀଡ଼ା ଶିକ୍ଷକ ରଞ୍ଜନ କୁମାର ପଣ୍ଡା ବାର୍ଷିକ କ୍ରୀଡ଼ା ବିବରଣୀ ପାଠ କରିଥିଲେ । ଶେଷରେ ବିଭିନ୍ନ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀମାନଙ୍କୁ ଅତିଥି ପୁରସ୍କାର ବିତରଣ କରିଥିଲେ ।

## ପୂର୍ବତନ ସୂଚନା କମିଶନରଙ୍କ ଦାଶିଆ ଅଜା ପୀଠ ପରିଦର୍ଶନ



ନୂଆଗାଁ,୨୫ ।୩(ସମିସ): ପ୍ରଖ୍ୟାତ ସଂଗ୍ରାହକ ଓ ସାରସ୍ୱତ ସାଧକ ଦାଶରଥି ପଟ୍ଟନାୟକ (ଦାସିଆ ଅଜା)ଙ୍କ ଦ୍ୱାରା ପ୍ରତିଷ୍ଠିତ ଆନ୍ତର୍ଜାତିକ ପାଠାଗାର, ସଂଗ୍ରହାଳୟ ପରିଦର୍ଶନ କରି ଖୁସିବ୍ୟକ୍ତ କରିବା ସହ ଦାସିଆ ଅଜାଙ୍କ ପ୍ରତିମୂର୍ତ୍ତି ଓ ସମାଧି ପୀଠରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ଓଡ଼ିଶାର ପ୍ରାକ୍ତନ ସୂଚନା କମିଶନର ତଥା ବିଶିଷ୍ଟ ସାହିତ୍ୟିକା ଶଶୀପ୍ରଭା ବିନ୍ଧାଣୀ । ଦାସିଆ ଅଜାଙ୍କ ସହ ରହିଥିବା ନିବିଡ଼ ସମ୍ପର୍କର ଅନେକ ସ୍ମୃତି ସହ ୧୯୭୯ରେ ପାଠାଗାର, ସଂଗ୍ରହାଳୟରେ ଦାସିଆ ଅଜାଙ୍କ ସହିତ ବିତାଇଥିବା ଚାରିଦିନର ଅଲିଭା ସ୍ମୃତିମାନ ମନେ ପକାଇଥିଲେ । ୧୯୭୮ରେ ବାପା ତଥା ଓଡ଼ିଶାର ପ୍ରସିଦ୍ଧ ଫଟୋଗ୍ରାଫର ଓ ସାହିତ୍ୟିକ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀଙ୍କ ନବରସ ଭାବଭଙ୍ଗିର ବିଭିନ୍ନ ବିରଳ ଫଟୋଚିତ୍ରକୁ ସଂଗ୍ରହାଳୟରେ ପ୍ରଦର୍ଶିତ କରାଯାଇଥିବା ଦେଖି ସେ ଅଭିଭୂତ ହୋଇଥିଲେ । ବାରିପଦାରେ ସବାଇ ଘାସରେ ନିର୍ମିତ ଏକ ଗହଣା ପେଡ଼ିକୁ ସଂଗ୍ରହାଳୟରେ ସାଇତି ରଖିବା ପାଇଁ ଅନୁଷ୍ଠାନ ସମ୍ପାଦକ ଦୀପକ ପଟ୍ଟନାୟକଙ୍କୁ ପ୍ରଦାନ କରିଥିଲେ । ପ୍ରାକ୍ତନ ସୂଚନା କମିଶନର ବିନ୍ଧାଣୀଙ୍କ ସହ ସମ୍ବାଦ ପତ୍ରିକା ସମଦୃଷ୍ଟିର ସମ୍ପାଦକ ତଥା ସାହିତ୍ୟିକ ବିଘ୍ନେଶ୍ୱର ସାହୁ ଏବଂ ବାରିପଦାର ସ୍ଥପତି ପ୍ରଣବ ଚନ୍ଦ୍ର ବିନ୍ଧାଣୀ ଉପସ୍ଥିତ ଥିଲେ । ସମଦୃଷ୍ଟିର ସମ୍ପାଦକ ସାହୁ ସମଦୃଷ୍ଟି ଦ୍ୱାରା ପ୍ରକାଶିତ ସାତଖଣ୍ଡ ଉପାଦେୟ ପୁସ୍ତକ ଓ ସମଦୃଷ୍ଟିର ପତ୍ରିକାଗୁଡ଼ିକୁ ଦାସିଆ ଅଜାଙ୍କ ସମାଧି ସ୍ଥଳରେ ସମର୍ପଣ କରିଥିଲେ ।

## ଏନ୍‌ଏସ୍‌ଏସ୍‌ର ସ୍ୱତନ୍ତ୍ର ଶିବିର



ନୂଆଗାଁ,୨୫ ।୩(ସମିସ): ନୂଆଗାଁ ବ୍ଲକ ସଦର ମହକୁମାସ୍ଥିତ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ୭ ଦିନିଆ ସ୍ୱତନ୍ତ୍ର ଶିବିର ବୁଧବାର ଉଦଘାଟିତ ହୋଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଡିପିଓ ଡ. ଚିତ୍ତରଞ୍ଜନ ଦାସ ଯୋଗଦେଇ ସମାଜ ଗଠନରେ ଏନଏସଏସ ସ୍ୱେଚ୍ଛାସେବୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ସେବା ମନୋଭାବ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ରହି ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ । ପୋଗ୍ରାମ ଅଫିସର ପଦ୍ମିନୀ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସତ୍ୟସ୍ୱାଗତ ସାହୁ ଧନ୍ୟବାଦ୍ୟ ଅର୍ପଣ କରିଥିଲେ ।

**ରାଷ୍ଟ୍ରୀୟ ଆବିଷ୍କାର ସପ୍ତାହ**

# ଜଳ ଓ ମୃତ୍ତିକା ସଂରକ୍ଷଣ ସଚେତନତା




ନୂଆଗାଁ,୨୫ ।୩(ସମିସ): ନୂଆଗାଁ ବ୍ଲକ ସଦର ମହକୁମାସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ରାଷ୍ଟ୍ରୀୟ ଆବିଷ୍କାର ସପ୍ତାହ-୨୦୨୬ ଅବସରରେ ଜଳ ଓ ମୃତ୍ତିକା ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ଭୀମସେନ ଦାସ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି ଅବସରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ପରିସରରୁ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରି ସଚେତନ କରାଇଥିଲେ । ପରିବେଶ ସୁରକ୍ଷା ଓ ପ୍ରାକୃତିକ ସମ୍ପଦର ସଦୁପଯୋଗ ପାଇଁ ଏହି ଅଭିଯାନ ମାଧ୍ୟମରେ ସାଧାରଣରେ ସଚେତନତା ସୃଷ୍ଟି ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା । ପରିବେଶବିତମାନଙ୍କ ମତରେ ଆଜିର ପରିପ୍ରେକ୍ଷୀରେ ଜଳ ଓ ମୃତ୍ତିକା ହେଉଛି ଜୀବଜଗତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମ୍ପଦ । ମାତ୍ର ବର୍ତ୍ତମାନ ବୃକ୍ଷଲତା ଓ ଜଙ୍ଗଲ କମିଯିବା କାରଣରୁ ମୃତ୍ତିକା କ୍ଷୟ ବଢ଼ିବାରେ ଲାଗିଛି, ଯାହା ଚାଷକାର୍ଯ୍ୟ ଉପରେ କୁପ୍ରଭାବ ପକାଉଛି । ଏହାକୁ ଦୃଷ୍ଟିରେ ରଖି ରାଷ୍ଟ୍ରୀୟ ଆବିଷ୍କାର ସପ୍ତାହ ଅବସରରେ ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ବୈଜ୍ଞାନିକ ପଦ୍ଧତି ଆପଣେଇବା ସହ ପ୍ରତ୍ୟେକ ବ୍ୟକ୍ତି ଗଛ ଲଗାଇବା ଓ ଜଳର ଅଯଥା ବ୍ୟବହାର ରୋକିବା ପାଇଁ ଶପଥ ନେବାକୁ ଆହ୍ୱାନ ଦିଆଯାଇଛି । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷାବିତ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଯୋଗଦେଇ ପରିବେଶକୁ ସନ୍ତୁଳିତ ରଖିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ।

**● ନୟାଗଡ଼ ନିର୍ବାଚନମଣ୍ଡଳୀ ପ୍ରତି ଅବହେଳା**

# ଓଡ଼ଗାଁ ବ୍ଲକର ୧୮ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ଠପ୍

ଓଡ଼ଗାଁ,୨୫ ।୩(ସମିସ): ନୟାଗଡ଼ ଜିଲ୍ଲା ତଥା ନୟାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଓଡ଼ଗାଁ ବ୍ଲକର ୧୮ ପଞ୍ଚାୟତ ସରକାରୀ ଅବହେଳାର ସମ୍ମୁଖୀନ ହୋଇଥିବା ଅଭିଯୋଗ ଉଠିଛି । ପ୍ରାୟ ୨୧ ମାସ ଧରି ଏହି ପଞ୍ଚାୟତଗୁଡ଼ିକରେ କୌଣସି ଅର୍ଥ ବିନିଯୋଗ ହୋଇ ନ ଥିବାରୁ ଉନ୍ନୟନ କାର୍ଯ୍ୟ ଠପ୍ ହୋଇଯାଇଛି । ଅନ୍ୟପକ୍ଷରେ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୮ ପଞ୍ଚାୟତରେ ସ୍ପେଶାଲ୍ ପ୍ରୋଟେକସନ୍ ଫଣ୍ଡ (ଏସପିଏଫ) ମାଧ୍ୟମରେ ଦେଢ଼ କୋଟିରୁ ଅଧିକ ଟଙ୍କାର ଉନ୍ନୟନ କାମ ଚାଲିଥିବା ସୂଚନା ମିଳିଛି । ରଣପୁର ବିଧାୟିକା ସୁରମା ପାଢ଼ୀ ବର୍ତ୍ତମାନ ଓଡ଼ିଶା ବିଧାନସଭାର ବାଚସ୍ପତି ଥିବାରୁ ସେଠାରେ ଏକତରଫା ଭାବେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିଥିବା କୁହାଯାଉଛି । କିନ୍ତୁ ନୟାଗଡ଼ ନିର୍ବାଚନ ମଣ୍ଡଳୀ ଅଧୀନ ଓଡ଼ଗାଁ ବ୍ଲକର ୧୮ ପଞ୍ଚାୟତରେ ଏହାର ପ୍ରତିକୂଳ ପରିସ୍ଥିତି ଦେଖାଯାଇଛି । ଓଡ଼ଗାଁ ବ୍ଲକରେ ମୋଟ ୩୬ ପଞ୍ଚାୟତ ଥିବାବେଳେ ଦୁଇଟି ଭିନ୍ନ ଭିନ୍ନ ନିର୍ବାଚନ ମଣ୍ଡଳୀରେ ଏହି ବ୍ଲକ ରହିଛି । ଗୋଟିଏ ପକ୍ଷରେ ସରକାରୀ ଦଳର ବିଧାୟିକା ତଥା ବାଚସ୍ପତି ଥିବା ବେଳେ, ଅନ୍ୟ ପକ୍ଷରେ ବିରୋଧୀ ଦଳର ବିଧାୟକ ଡ. ଅରୁଣ କୁମାର ସାହୁଙ୍କ କ୍ଷେତ୍ର ରହିଛି । ଏହି ପରିସ୍ଥିତିରେ ଉନ୍ନୟନ କାର୍ଯ୍ୟରେ ଅସମାନତା ଦେଖାଯାଉଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି । ୨୦୨୪ ନିର୍ବାଚନ ପୂର୍ବରୁ ସମସ୍ତ ପଞ୍ଚାୟତ ସମାନ ସୁବିଧା ପାଉଥିବା ବେଳେ ବର୍ତ୍ତମାନ ଏହି ତାରତମ୍ୟ ନିରପେକ୍ଷତା ଉପରେ ପ୍ରଶ୍ନ ଉଠିଛି । କେବଳ ଓଡ଼ଗାଁ ବ୍ଲକ ନୁହେଁ, ସମଗ୍ର ନୟାଗଡ଼ ନିର୍ବାଚନ ମଣ୍ଡଳୀର ଲୋକମାନେ ଅଣଦେଖା ହେଉଥିବା ଅଭିଯୋଗ ହେଉଥିବା ବେଳେ ରଣପୁର କ୍ଷେତ୍ରରେ ଏହାର ଭିନ୍ନ ଚିତ୍ର ଦେଖିବାକୁ ମିଳୁଛି ।

# ଜଳିଗଲା ୨ ବଖରା ଘର



ଗଣିଆ,୨୫ ।୩(ସମିସ): ଗଣିଆ ବ୍ଲକ ବେଲପଡ଼ାପାଟଣା ପଞ୍ଚାୟତ ସୁବର୍ଣ୍ଣପୁର ଗ୍ରାମରେ ବୁଧବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ଦୁଇ ବଖରା ଘର ଜଳିଯାଇଛି । ବିଦ୍ୟୁତ୍ ସର୍ଟ ସର୍କିଟ ଯୋଗୁଁ ଅଚାନକ ଗ୍ରାମର ବୈଦେହୀ ବେହେରାଙ୍କ ଘରେ ନିଆଁ ଲାଗିଥିଲା । ଗ୍ରାମବାସୀ ଗଣିଆ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ବିଭାଗୀୟ ଅଧିକାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ତେବେ ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାବପତ୍ର ସହ ପ୍ରାୟ ୪୦ ହଜାରରୁ ଅଧିକ ଟଙ୍କାର କ୍ଷୟକ୍ଷତି ଘଟିଥିବା ଅଭିଯୋଗ ହୋଇଛି । କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି ।

**ଗୁପ୍ତ ଅଯୋଧ୍ୟା ଓଡ଼ଗାଁ**

# ୨୭ରୁ ଜମିବ ଶ୍ରୀରାମ ନବମୀ ଯାତ୍ରା



**ରାମମୟ ହେବ ପରିବେଶ**
**ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି**

ଓଡ଼ଗାଁ,୨୫ ।୩(ସମିସ): ନୟାଗଡ଼ ଜିଲ୍ଲାର ପ୍ରସିଦ୍ଧ ବୈଷ୍ଣବ କ୍ଷେତ୍ର "ଗୁପ୍ତ ଅଯୋଧ୍ୟା' ଓଡ଼ଗାଁରେ ବିଶ୍ୱପ୍ରସିଦ୍ଧ ଶ୍ରୀରାମ ନବମୀ ଯାତ୍ରା ଆସନ୍ତା ୨୭ରୁ ଏପ୍ରିଲ ୭ ତାରିଖ ପର୍ଯ୍ୟନ୍ତ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହେବ । ଅତ୍ରି ମୁନୀଙ୍କ ତପୋଭୂମି ଓ ସ୍ୱର୍ଣ୍ଣ କଳସ କ୍ଷେତ୍ର ଭାବେ ପରିଚିତ ଏହି ପୀଠରେ ବିଜେ ପ୍ରଭୁ ଶ୍ରୀ ରଘୁନାଥଜୀଉଙ୍କ ନବଦିନାତ୍ମକ ଯାତ୍ରା ଅବସରରେ ପ୍ରଭୁଙ୍କ ମାନବୀୟ ଲୀଳାର ଭବ୍ୟ ରୂପ ପ୍ରଦର୍ଶିତ ହେବ । ଯାତ୍ରାରେ ଶ୍ରୀରାମ ଜନ୍ମୋତ୍ସବ, ସୀତା ବିବାହ, ବନବାସ, ଚିତ୍ରକୂଟ ଲୀଳାଠାରୁ ଆରମ୍ଭ କରି ରାବଣ ପୋଡ଼ି ପର୍ଯ୍ୟନ୍ତ ବିଭିନ୍ନ ପୌରାଣିକ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ହେବ । ଏହାକୁ ଦେଖିବା ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବା ସମ୍ଭାବନା ରହିଛି । ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ଓ ଟ୍ରାଫିକ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ୧୦ ପୁଲିସ ଅଧିକାରୀ, ୧୫ କନଷ୍ଟେବଲ ଓ ୩୦ ହୋମଗାର୍ଡ ସମେତ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି । ଆଇଆଇସି ସତ୍ୟନାରାୟଣ ବାରିକ ଓ ଏସଆଇ ଚକ୍ରଧର ସିଂଙ୍କ ନେତୃତ୍ୱରେ ପୁଲିସ ବଳ ଯାତ୍ରା ସମୟରେ ସତର୍କ ନଜର ରଖିବେ । ସାଦା ପୋଷାକରେ ମଧ୍ୟ ପୁଲିସ ମୁତୟନ କରାଯାଇଛି । ପ୍ରତିଦିନ ଅପରାହ୍ନ ୩ଟାରୁ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ଲାଗୁ ହେବ । ବାହାରୁ ଆସୁଥିବା ଯାତ୍ରୀଙ୍କୁ ପରିବା ମାର୍କେଟରେ ଦୁଇଚକିଆ ଓ ସାଗର ପୁଷ୍କରିଣୀ ବନ୍ଧରେ ଚାରିଚକିଆ ଯାନ ରଖିବାକୁ ନିର୍ଦ୍ଦେଶ ରହିଛି । ସତର୍କତା ସ୍ୱରୂପ ମୂଲ୍ୟବାନ ଅଳଙ୍କାର ପିନ୍ଧି ନ ଆସିବାକୁ ପୁଲିସ ପକ୍ଷରୁ ଅନୁରୋଧ କରାଯାଇଛି । ଯାତ୍ରାକୁ ନେଇ ମନ୍ଦିର ପ୍ରଶାସନ ଓ ଏନ୍‌ଏସି ପକ୍ଷରୁ ପରିଷ୍କାର-ପରିଚ୍ଛନ୍ନତା, ମରାମତି ଓ ରଙ୍ଗ କାମ ସରିଛି । ଏଥିସହ ସାଜସଜ୍ଜା, ଆଲୋକୀକରଣ, ପାନୀୟଜଳ, ଆଶୁ ଚିକିତ୍ସା ଓ ଆବଶ୍ୟକ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।

# ବନ୍ଦ ସ୍କୁଲ ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ

ଗଣିଆ,୨୫ ।୩(ସମିସ)



ପର୍ଯ୍ୟାପ୍ତ ଛାତ୍ରଛାତ୍ରୀ ନ ଥିବା ଦର୍ଶାଇ ଗଣିଆ ବ୍ଲକରେ ଅନେକ ସରକାରୀ ସ୍କୁଲକୁ ବନ୍ଦକରି ଦିଆଯାଇଛି । ଏହି ସ୍କୁଲଗୁଡ଼ିକ ମଧ୍ୟରୁ ଅଧିକାଂଶ ଏବେ ଭୂତକୋଠି ଭଳି ପଡ଼ି ରହିଥିବାବେଳେ କେଉଁଠି ସେଗୁଡ଼ିକ ବାହୁବଳିମାନଙ୍କ କବ୍‌ଜାରେ ତ ଆଉ କେଉଁଠି ନିଶାଡ଼ି ତଥା ଅସାମାଜିକଙ୍କ ଆଡ୍ଡା ଜମୁଛି ।

ଯେଉଁ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ୨୦ରୁ କମ୍ ଛାତ୍ରଛାତ୍ରୀ ରହିଛନ୍ତି ସେଗୁଡ଼ିକୁ ରାଜ୍ୟ ସରକାର ବନ୍ଦ କରି ପିଲାମାନଙ୍କୁ ନିକଟସ୍ଥ ଅନ୍ୟ ସ୍କୁଲକୁ ପଠାଇଛନ୍ତି । ଗାଁ ସ୍କୁଲ ବନ୍ଦ ହୋଇଯିବା ଫଳରେ କେତେକ ପିଲା ପାଠପଢ଼ାରେ ଡୋର ବାନ୍ଧିବାକୁ ବାଧ୍ୟ ହୋଇଛନ୍ତି । ସରକାରୀ ବିଦ୍ୟାଳୟଗୁଡ଼ିକର କୋଠାଘର ବିସ୍ତୃତ ସରକାରୀ ଜମି ଉପରେ ରହିଛି । ବିଦ୍ୟାଳୟ ବନ୍ଦ କରି ଦିଆଯିବା ପରେ ଏଗୁଡ଼ିକର ବିକଳ୍ପ ବ୍ୟବହାର ପାଇଁ ମଧ୍ୟ କୁହାଯାଇଥିଲା । କେଉଁଠି ଏହି ବିଦ୍ୟାଳୟଗୁଡ଼ିକରେ ପଞ୍ଚାୟତ ଅଫିସ ଚାଲିବ ତ ଆଉ କେଉଁଠି ଅଙ୍ଗନବାଡ଼ି କେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଅନ୍ୟ କୌଣସି କ୍ଷେତ୍ରୀୟ ଦପ୍ତର ଚାଲିବ ବୋଲି କୁହାଯାଇଥିଲା । ଅବଶ୍ୟ ଇତିମଧ୍ୟରେ ବନ୍ଦ ହୋଇଥିବା କେତେକ ପ୍ରାଥମିକ ବିଦ୍ୟାଳୟରେ ଅନ୍ୟ ସରକାରୀ ସଂସ୍ଥା କାମ କରୁଛି । ତେବେ ଅଧିକାଂଶ ବିଦ୍ୟାଳୟ କିନ୍ତୁ ଅବ୍ୟବହୃତ ଭାବେ ବର୍ଷ ବର୍ଷ ଧରି ପଡ଼ିରହିବା ଫଳରେ ସେଠାରେ ଅସାମାଜିକ ବ୍ୟକ୍ତି ଓ ନିଶାଡ଼ିଙ୍କ ଆଡ୍ଡା ଜମୁଥିବା ବିଭିନ୍ନ ଅଞ୍ଚଳରୁ ଖବର ଆସୁଛି । କେତେକ ସ୍ଥାନରେ ଏହି ବିଦ୍ୟାଳୟ ଗୃହଗୁଡ଼ିକ ସ୍ଥାନୀୟ ଅଞ୍ଚଳର ପ୍ରତିପତ୍ତିଶାଳୀ ବ୍ୟକ୍ତିଙ୍କ କବଜାରେ ରହିଛି । ଏମିତିକି କେତେକ ସ୍ଥାନରେ ଏହାକୁ ମିନି କଲ୍ୟାଣମଣ୍ଡପ ଭାବେ ଭଡ଼ା ଲଗାଯାଉଥିବା ଅଭିଯୋଗ ଆସୁଛି । କୋଟି କୋଟି ଟଙ୍କା ରାଜକୋଷରୁ ବ୍ୟୟ କରାଯାଇ ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ଅନେକ ସ୍ଥାନରେ ନୂଆ ବିଦ୍ୟାଳୟ ଗୃହ ନିର୍ମାଣ କରାଯାଇଥିଲା । ଏମିତିକି କେତେକ ସ୍ଥାନରେ ୨/୩ ମହଲା ଘର ବି ରହିଛି । ଏସବୁ ମୂଲ୍ୟବାନ ସରକାରୀ ସମ୍ପତ୍ତିର ସୁରକ୍ଷା ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କେତେକ ସ୍ଥାନରେ ବିଦ୍ୟାଳୟ ଚାଲୁ ନ ଥିବାରୁ ତାହାର ପରିସରକୁ ମଧ୍ୟ ପ୍ରଭାବଶାଳୀ ଲୋକେ ନିଜ ଦଖଲକୁ ନେଇ ଯାଇଛନ୍ତି । ଆଉ କେତେକ ବିଦ୍ୟାଳୟ ପରିସରକୁ ବ୍ୟବସାୟିକ କାର୍ଯ୍ୟରେ ମଧ୍ୟ ବ୍ୟବହାର କରୁଛନ୍ତି । ବହୁ ସ୍ଥାନରେ ବନ୍ଦ ଥିବା ବିଦ୍ୟାଳୟଗୁଡ଼ିକୁ ପୁର୍ନବାର ଚାଲୁ କରିବା ପାଇଁ ଗାଁ ଲୋକଙ୍କ ସମେତ ନିର୍ବାଚିତ ଲୋକପ୍ରତିନିଧିମାନେ ଗୁହାରି କରୁଥିଲେ ବି କେହି କର୍ଣ୍ଣପାତ କରୁନାହାନ୍ତି ।

# ରାମ ନବମୀ ପାଇଁ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

ଖୋର୍ଦ୍ଧା, ୨୫ା୩(ସମିସ): ଦିନକ ପରେ ରାମନବମୀ। ଖୋର୍ଦ୍ଧାରେ ଉକ୍ତଦିନ ଦୁଇଟି ସଂଗଠନ ପକ୍ଷରୁ ଶୋଭାଯାତ୍ରା କରାଯିବ। ଏଥିରେ



ଯେଭଳି କୌଣସି ସମସ୍ୟା ନ ଉପୁଜିବ ସେଥିପାଇଁ ଜିଲ୍ଲା ପୁଲିସ ପକ୍ଷରୁ ସହର ଭିତରେ ବୁଧବାର ସନ୍ଧ୍ୟାରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ମୁକୁନ୍ଦପ୍ରସାଦ ମେଲଣପଡ଼ିଆଠାରୁ ଆରମ୍ଭ ହୋଇ ପଲ୍ଲା ତାରିଣୀ ମନ୍ଦିର ଠାରେ ଫ୍ଲାଗମାର୍ଚ୍ଚ ଶେଷ ହୋଇଛି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନାଦି ଚରଣ ସେଠୀ, ଖୋର୍ଦ୍ଧା ଏସ୍‌ଡିପିଓ ନିହାର ପ୍ରଧାନ, ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ, ଶିଳ୍ପାଞ୍ଚଳ ଥାନା ଅଧିକାରୀ ଉମେଶ ସାହୁ, ଏସ୍‌ଆଇ ସ୍ୱାଗତିକା ଦାସ, ଦିନେଶ ପିଙ୍ଗୁଆ, ସସ୍ମିତା ବେହେରା, ଏଏସଆଇ ସୁଶାନ୍ତ ମଲିକ ପ୍ରମୁଖ ୨୫ରୁ ଉର୍ଦ୍ଧ୍ୱ ଅଫିସର ଏବଂ ୩ ପ୍ଲାଟୁନ ଫୋର୍ସ ସାମିଲ ହୋଇଥିଲେ। ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନେତୃତ୍ୱରେ ୪୦ରୁ ଉର୍ଦ୍ଧ୍ୱ ପୁଲିସ ଅଧିକାରୀ ସହରର ବିଭିନ୍ନ ସ୍ଥାନରେ ମୁତୟନ ହୋଇଥିବାବେଳେ ପ୍ରତ୍ୟକ ଘଟଣା ଉପରେ ଏହି ଟିମ୍ ତୀକ୍ଷଣ ନଜର ରଖିଛି। ତେବେ ରାମ ନବମୀ ଶୋଭାଯାତ୍ରା ପାଇଁ ସ୍ୱତନ୍ତ୍ର ରୁଟ୍ ପ୍ରସ୍ତୁତ ସହ ଟ୍ରାଫିକ ନିୟନ୍ତ୍ରଣ ତଥା ସାଧାରଣ ଲୋକେ ଯେଭଳି ହଇରାଣ ନ ହେବେ, ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି ଏସ୍‌ପି ଶ୍ରୀ ଶର୍ମା।

# ଶନି ମନ୍ଦିର ନିକଟରେ ଆବର୍ଜନା ପାଣିକୁଣ୍ଡ ନିର୍ମାଣକୁ ବିରୋଧ

ଖୋର୍ଦ୍ଧା, ୨୫ା୩(ସମିସ)

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ପୁରୁସାହି ପଞ୍ଚାୟତରେ ଜନହଗଳିପୂର୍ଣ୍ଣ ଅଞ୍ଚଳ ତଥା ଶନି ମନ୍ଦିର ନିକଟରେ ଆବର୍ଜନା ପାଣିକୁଣ୍ଡ ନିର୍ମାଣକୁ ସ୍ଥାନୀୟ ଲୋକ ବିରୋଧ କରିଛନ୍ତି। ଏହାକୁ ଗାଁର ଅନ୍ୟସ୍ଥାନରେ କରାଯାଉ ବୋଲି ପୁରୁସାହି କପିଳେଶ୍ୱରପୁର ଗ୍ରାମବାସୀ ଦାବି କରିଛନ୍ତି।

ଅଭିଯୋଗ ଅନୁସାରେ, ଗତ ୫ବର୍ଷ ପୂର୍ବରୁ ପୁରୁସାହି ପଞ୍ଚାୟତ ଦ୍ୱାରା ଶନିଦେବଙ୍କ ମନ୍ଦିର ଠାରୁ ଅବରୋଧ ପାଣି ନିଷ୍କାସନ ନିମନ୍ତେ ୨ଲକ୍ଷ ଟଙ୍କା ମଞ୍ଜୁର କରାଯାଇ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଗ୍ରାମ କମିଟିର କେତେକ ସଭ୍ୟ ଓ ସରକାରୀ ଜମି ଅବରୋଧ କରି ରଖିଥିବା ବ୍ୟକ୍ତିବିଶେଷଙ୍କ



ଦ୍ୱାରା ଏହାକୁ ବିରୋଧ ପରେ କାମ ବନ୍ଦ କରି ଦିଆଯାଇଥିଲା। କିନ୍ତୁ ପୁନର୍ବାର ଉକ୍ତ କାର୍ଯ୍ୟ ପାଇଁ ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଛି। ଗ୍ରାମ୍ୟ କମିଟି ପକ୍ଷରୁ ଉକ୍ତ କାର୍ଯ୍ୟ ନିମନ୍ତେ ବେସରକାରୀ ଭାବରେ ଏକ ଅମିନ ଆଣି ମାପ କରି ଚିହ୍ନଟ କରାଯାଇଛି। ତେବେ ପୂର୍ବରୁ ସେହି ଜାଗାରେ ସରକାରଙ୍କ ଅନୁଦାନରେ ଏକ କୋଠାଘର ଅର୍ଦ୍ଧ ନିର୍ମିତ ଅବସ୍ଥାରେ ରହିଥିବାରୁ ପାଣି କୁଣ୍ଡ କରାଗଲେ ତାହା କାମରେ ଲାଗିବନି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏଥିସହିତ ନିର୍ଦ୍ଧାରିତ ସ୍ଥାନରେ ଆବର୍ଜନା ପାଣିକୁଣ୍ଡ କରାଗଲେ ଏହା ତିନି ପାର୍ଶ୍ୱରେ ଥିବା ଶହେରୁ ଉର୍ଦ୍ଧ୍ୱ ପରିବାର ଦୁର୍ଗନ୍ଧରେ ସେଠାରେ ରହିପାରିବେ ନାହିଁ। ମନ୍ଦିର ପଶ୍ଚିମ ପାର୍ଶ୍ୱରେ ଯାଇଥିବା ଦୁଇଗୋଟି ସରକାରୀ ପ୍ଲଟ୍-ନଂ-୪୩୧, ଏ.୫୧୫ ଡିସିମିଲ ଏବଂ ପ୍ଲଟ ନଂ-୪୩୦, ଏରିଆ -୦.୨୦୦ ଡିସିମିଲ ଜମିରେ ଆବର୍ଜନା ପାଣି କୁଣ୍ଡ ନିର୍ମାଣ କରାଗଲେ ବଳକା ପାଣି ଚାଷ ଜମିରେ

**ଅନ୍ୟତ୍ର ନିର୍ମାଣ କରିବାକୁ ଦାବିକଲେ ଗ୍ରାମବାସୀ**

ମାଡ଼ିବା ସହିତ ଚାଷ କାର୍ଯ୍ୟରେ ସହାୟକ ହେବ ବୋଲି ଦର୍ଶାଯାଇଛି। ତେଣୁ ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶନି ମନ୍ଦିର ନିକଟରେ ଆବର୍ଜନା ପାଣି କୁଣ୍ଡ ନିର୍ମାଣ କରାନଯାଇ ଅନ୍ୟତ୍ର କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

● ଜାଗୁଲେଇଙ୍କ ପୀଠରେ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ

## ମହାଗୌରୀ ବେଶରେ ଦର୍ଶନ ଦେଲେ ମା’

ଜଟଣୀ, ୨୫ା୩(ସମିସ): କୁଦିଆରି ଗ୍ରାମଦେବୀ ମା’ ଜାଗୁଳାଇଙ୍କ ଶକ୍ତିପୀଠରେ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ଅଷ୍ଟମୀ ତିଥି ସନ୍ଧ୍ୟାରେ ମା’ଙ୍କୁ ମହାସ୍ନାନ ପରେ ଚିତ୍ରକର ବିଜୟ ପଣ୍ଡାଙ୍କ ଦ୍ୱାରା ମହାଗୌରୀ ବେଶ କରାଯାଇଥିଲା। ଆସନ୍ତା କାଲି ସକାଳେ ମହାସ୍ନାନ ସୂର୍ଯ୍ୟପୂଜା ପରେ ନଗର ପରିକ୍ରମା କରି ମା’ ଗଡ଼ ବଘେଇଁଙ୍କ ପାଖେ ବିଜେ ହେବେ। ଦୁଇ ଭଉଣୀ ମିଳନ ପରେ ନିଜ ମନ୍ଦିରକୁ ଫେରି ସଂଧ୍ୟାରେ ମହାସ୍ନାନ ପରେ ସିଦ୍ଧିଦାତ୍ରୀ ବେଶରେ



ଦର୍ଶନ ଦେବା ସହ ନ ଜଣ କୁମାରୀ କନ୍ୟାଙ୍କୁ ଯଜ୍ଞ ବେଦୀରେ ପୂଜା କରାଯିବ ବୋଲି ମୁଖ୍ୟ ପୂଜକ ମନୋରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମକୁ ସମ୍ପାଦକ ଏଲ ଡି ମହାନ୍ତି, ସଭାପତି ରାଧାମୋହନ ପଟ୍ଟନାୟକ ପ୍ରମୁଖଙ୍କ ସମେତ ଗ୍ରାମବାସୀଙ୍କ ସହଯୋଗରେ ପରିଚାଳନା କରାଯାଇଥିଲା।

● ଟ୍ରାଫିକ ନିୟମ ଉଲ୍ଲଂଘନ

## ଗୋଟିଏ ଦିନରେ ୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଜରିମାନା

ନିରାକାରପୁର, ୨୫ା୩(ସମିସ): ଜଙ୍କିଆ ଓ ନାଚୁଣୀ ଅଞ୍ଚଳରେ ପୁଲିସ ପକ୍ଷରୁ କରାଯାଇଥିବା ସ୍ପେଶାଲ ଡ୍ରାଇଭ୍‌ରେ ଟ୍ରାଫିକ ନିୟମକୁ ବେଖାତିର କରୁଥିବା ଗାଡ଼ି ଚାଳକଙ୍କ ଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯାଇଛି। ଯାଞ୍ଚରେ ୪ ଜଣ ମଦ୍ୟପ ଚାଳକ ଧରାପଡ଼ିଥିବା ବେଳେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥିସହ ନିୟମ ଉଲ୍ଲଂଘନ କରି ଗାଡ଼ି ଚଲାଉଥିବା ୫ ଜଣ ବ୍ୟକ୍ତିଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇଛି। ସୂଚନା ଅନୁଯାୟୀ, ଦିନକ ମଧ୍ୟରେ ମୋଟ ୯୦ଟି ଇ-ଚାଲାଣ କଟାଯାଇଛି। ଏହି ଚାଲାଣ ମାଧ୍ୟମରେ ସମୁଦାୟ ୮, ୭୨, ୦୦୦ ଟଙ୍କାର ଜରିମାନା ଧାର୍ଯ୍ୟ କରାଯାଇଛି।

## ଟ୍ରକ୍ ଚକା ତଳେ ଚାପି ହୋଇ ଚାଲିଗଲା ଜୀବନ

ଗମ୍ଭାରୀମୁଣ୍ଡା, ୨୫ା୩(ସମିସ): ଟ୍ରକ୍ ଚକା ତଳେ ଚାପିହୋଇ ଚାଲିଗଲା ଜୀବନ। ମୃତକ ହେଲେ ଖୋର୍ଦ୍ଧା ଜିଲ୍ଲା ନାଚୁଣୀ ଥାନା ଅନ୍ତର୍ଗତ କୁଲେଇ ପଞ୍ଚାୟତ ବିଞ୍ଝାଳା ଗ୍ରାମର ଶଙ୍କର ବରାଳ(୬୦)। କୌଣସି କାମରେ ଶଙ୍କର ଘରୁ ବାହାରି ବାଇକ ଯୋଗେ ଟାଙ୍ଗୀ ଅଭିମୁଖେ ଯାଉଥିବାବେଳେ ଗୋଡ଼ି ବୋଝେଇ ମିନିଟ୍ରକ୍‌ଟି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଗାଡ଼ିର ଆଗଚକା ତଳେ ପଡ଼ି ତାଙ୍କର ମୃତ୍ୟୁ ହୋଇଥିଲା।

● ମହିଳା ଅସଦାଚରଣ ଓ ଚୋରି ମାମଲା

## ଅଭିଯୁକ୍ତକୁ ୩ ବର୍ଷ ଜେଲ୍

ନିରାକାରପୁର, ୨୫ା୩(ସମିସ): ମହିଳାଙ୍କୁ ଅସଦାଚରଣ ଏବଂ ଘରେ ପଶି ଚୋରି ମାମଲାରେ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଅଭିଯୁକ୍ତ ମାନସ ମହାପାତ୍ର ଓରଫ ଶୁକୁଟାକୁ ଦୋଷୀ ସାବ୍ୟସ୍ତ ସହ ଭିନ୍ନ ଭିନ୍ନ ଦଫାରେ ସର୍ବାଧିକ ୩ ବର୍ଷ ପର୍ଯ୍ୟନ୍ତ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୩ ଜୁଲାଇ ୨୦୨୪ରେ ନିରାକାରପୁର ଥାନା ଅନ୍ତର୍ଗତ କପିଳେଶ୍ୱର ଗ୍ରାମର ଅଭିଯୁକ୍ତ ମାନସ ଏକାକୀ ଥିବା ଜଣେ ମହିଳାଙ୍କ ଘରେ ପଶି ତାଙ୍କୁ ଅସଦାଚରଣ କରିଥିଲା। ମହିଳା ଜଣକ ପ୍ରତିରୋଧ କରି ଖସି ପଳାଇବାରେ ସକ୍ଷମ ହୋଇଥିଲେ ମଧ୍ୟ ଅଭିଯୁକ୍ତ ତାଙ୍କୁ ଆକ୍ରମଣ କରିବା ସହ ତାଙ୍କ ମୋବାଇଲ୍ ଫୋନ୍ ଛଡ଼ାଇ ନେଇ ପଳାଇଥିଲା। ଏହି ମାମଲାଟିକୁ ଅତିରିକ୍ତ ସରକାରୀ ଓକିଲ ଶ୍ରୀ ରୁଦ୍ରନୀଲ ଭଟ୍ଟାଚାର୍ଯ୍ୟ ପରିଚାଳନା କରୁଥିଲେ। ତଦନ୍ତକାରୀ ଅଧିକାରୀ ଦୀପାଳିସା ନାୟକଙ୍କ ଦ୍ୱାରା କରାଯାଇଥିବା ସଠିକ୍ ତଦନ୍ତ ଏବଂ ଡେପୁଟି ଡାଇରେକ୍ଟର ନଳିନୀ କାନ୍ତ ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଯୋଗୁଁ ଅଭିଯୁକ୍ତକୁ ଦଣ୍ଡ ମିଳିବା ସହଜ ହୋଇପାରିଛି।

**ଶାରଦୀୟ ଷୋଳପୂଜା**

## କାଳରାତ୍ରି ବେଶରେ ମା’ ବନଦୁର୍ଗା

ନିରାକାରପୁର, ୨୫ା୩(ସମିସ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ସ୍ଥିତ ମା ବନଦୁର୍ଗାଙ୍କ ପୀଠରେ ବିଶ୍? କଲ୍ୟାଣ ନିମନ୍ତେ, ଶାରଦୀୟ ଷୋଳପୂଜାର ପଞ୍ଚଦଶ ଓ ନବରାତ୍ରିର ସପ୍ତମ ଦିବସରେ କାଳରାତ୍ରି ବେଶରେ ମା ଦର୍ଶନ ଦେଇଛନ୍ତି। ସକାଳୁ ମା’ଙ୍କର ମଙ୍ଗଳ ଆଳତି, କଳଶ ପୂଜା, ସୂର୍ଯ୍ୟ ପୂଜା ପଞ୍ଚ ଦେବତା ପୂଜା, ପରେ ମା’ଙ୍କର ଶୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀ ପାଠ, ସନ୍ଧ୍ୟା ବାଳଭୋଗ, ଆଳତି, ଆଧରପଣା ଓ ଶ୍ରୀ ମହାପ୍ରସାଦ ମା’ଙ୍କୁ ସମର୍ପଣ ପୂର୍ବକ



ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା କରାଯାଇଛି ଏବଂ ତ୍ରି ଦିବସୀୟ ସପ୍ତଶତୀ ଚଣ୍ଡୀ ମହାଯଜ୍ଞର ଯଜ୍ଞମଣ୍ଡପ ପ୍ରତିଷ୍ଠା ଓ ଆହୂତି ପ୍ରଦାନ କରାଯାଇଅଛି। ଡଃ କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିଲେ ଓ ପଣ୍ଡିତ ତପନ କୁମାର ମହାପାତ୍ର, ବିଷ୍ଣୁପ୍ରିୟା ପଟ୍ଟଯୋଷୀଙ୍କ ଦ୍ୱାରା ମନ୍ଦାକିନୀ ନଦୀରୁ ଜଳଯାତ୍ରା କରି ପ୍ରତିଷ୍ଠା ଯଜ୍ଞରେ ଅଂଶଗ୍ରହଣ କରିଥିଲେ। ପଣ୍ଡିତ ସୀତାକାନ୍ତ ଦାଶ ଓ ବେଦ ବିଦ୍ୟାର୍ଥୀ ମାନେ ସହଯୋଗ କରିଥିଲେ ଏବଂ ଗ୍ରାମର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା’ଙ୍କର ଦିବ୍ୟ ବେଶକୁ ଦର୍ଶନ କରିଥିଲେ।

● ନୂତନ ପେନସନ୍ ନିୟମକୁ ବିରୋଧ

## ଓଡ଼ିଶା ସେବା ନିବୃତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚର ପ୍ରତିବାଦ

ଖୋର୍ଦ୍ଧା, ୨୫ା୩(ସମିସ): କେନ୍ଦ୍ରୀୟ ସିଭିଲ ସର୍ଭିସ (ପେନସନ) ନିୟମାବଳୀ ବୈଧୀକରଣ ଅଧିନିୟମକୁ ତୁରନ୍ତ ପ୍ରତ୍ୟାହାର ଦାବିରେ ଅଖିଳ ଭାରତୀୟ ରାଜ୍ୟ ପେନସନଭୋଗୀ ମହାସଂଘର



ଆହ୍ୱାନ କ୍ରମେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଓଡ଼ିଶା ସେବା ନିବୃତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ପକ୍ଷରୁ ପ୍ରତିବାଦ ଦିବସ ପାଳନ କରାଯାଇଛି। ଶିକ୍ଷକ ନେତା ସୁରେଶ ଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଜିଲ୍ଲାର ଶତାଧିକ ଶିକ୍ଷକ ଓ କର୍ମଚାରୀ କଳା ବ୍ୟାଜ ପରିଧାନ କରି ପ୍ରତିବାଦ ସଭା କରିବା ସହିତ ସରକାର ବିରୋଧୀ ବିଭିନ୍ନ ନାରାବାଜି କରିଥଲେ। ପରେ ଏକ ପ୍ରତିନିଧିମଣ୍ଡଳୀ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବୋଲଗଡ଼ ବ୍ଲକ ଶିକ୍ଷକ ମହସଂଘ ସଭାପତି ଦିବାକର ପରମଗୁରୁ, ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ସତ୍ୟବାନ ଶ୍ରୀଚନ୍ଦନ, ନବକିଶୋର ମହାପାତ୍ର, ନଗେନ କୁମାର ଦତ୍ତ, ଗୋପାଳ ଚନ୍ଦ୍ର ତ୍ରିପାଠୀ, ପ୍ରହଲ୍ଲାଦ ବାରିକ, ଅନିଲ କୁମାର ସାହୁ, ବେଣୁଧର ମହାପାତ୍ର, ବୈକୁଣ୍ଠ ମହାରଣା, ଅଞ୍ଜନ କୁମାର ରାୟ, ବାଲେଶ୍ୱର ଯୁଝାରସିଂ ପ୍ରମୁଖ ସାମିଲ ହୋଇ ବିଲ୍‌ର ଉପାଦେୟତା ଉପରେ ଆଲୋକପାତ କରିବା ସହିତ ଅବସରପ୍ରାପ୍ତ କର୍ମଚରୀଙ୍କୁ ଅନ୍ୟାନ୍ୟ ରାଜ୍ୟ ପରି ଚିକିତ୍ସା ଭତ୍ତା ପ୍ରଦାନ କରିବାକୁ ଦାବି କରିଥଲେ।

## ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାନର ନବୀକରଣକୁ ନେଇ ଗଣ୍ଡଗୋଳ

ଟାଙ୍ଗୀ, ୨୫ା୩(ସମିସ): ଚାନ୍ଦପୁର ପୁରୁଣା ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଓ ସ୍ଥାନର ନବୀକରଣକୁ ନେଇ ଆଜି ହଟ୍ଟଗୋଳ ସହ ଉଭୟ ପକ୍ଷ ମଧ୍ୟରେ ଧସ୍ତାଧସ୍ତି ହୋଇଛି।



ପ୍ରକାଶ ଯେ, ଚାନ୍ଦପୁର ଗୋପବନ୍ଧୁନଗର ପ୍ରବେଶ ପଥରେ ଗୋପବନ୍ଧୁଙ୍କ ଏକ ବହୁ ପୁରୁଣା ପ୍ରତିମୂର୍ତ୍ତି ରହିଛି। ରକ୍ଷଣାବେକ୍ଷଣ ଅଭାବରୁ ଏହା ଭାଙ୍ଗିରୁଜି ଯାଇଥିଲା। ଏହାର ପୁନଃରୁଦ୍ଧାର ସହ ଏହି ସ୍ଥାନରେ ସମ୍ବିଧାନ ପ୍ରଣେତା ଡଃ ବି. ଆର୍. ଆମ୍ବେଦକର ଓ ଚାନ୍ଦପୁରର ୨ ଜଣ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବାଞ୍ଛାନିଧି ସେନାପତି ଓ ସ୍ୱର୍ଗତ ରଘୁନାଥ ମଲ୍ଲିକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଚାନ୍ଦପୁର ସରପଞ୍ଚ ରଞ୍ଜିତା ସେନାପତିଙ୍କ ପ୍ରଚେଷ୍ଟାରେ ଆଜି ଶୁଭ ଦିଆଯିବାବେଳେ କିଛି ସ୍ଥାନୀୟ ଯୁବକ ବିରୋଧ କରିଥିଲେ। ଏହି ସ୍ଥାନରେ ନିଶା ସେବନ ଯୋଗୁଁ ମହାପୁରୁଷଙ୍କୁ ଅସମ୍ମାନ କରାଯାଉଥିବା ସରପଞ୍ଚଙ୍କ ପ୍ରତିନିଧି ଦୀପକ କୁମାର ସେନାପତି ପ୍ରତିବାଦ କରିଥିଲେ। ଫଳରେ ଉଭୟ ପକ୍ଷ ଧସ୍ତାଧସ୍ତି ହେବାରୁ କାମ ବନ୍ଦ ରହିଥିଲା। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରାଯାଇଛି।

## ଗଞ୍ଜେଇ ଜବତ; ୨ ଗିରଫ

ଖୋର୍ଦ୍ଧା, ୨୫ା୩(ସମିସ): ୫୭ନଂ. ଜାତୀୟ ରାଜପଥ ପାର୍ଶ୍ୱ କୁଶପଲ୍ଲା ଗ୍ରାମ ନିକଟସ୍ଥ ଫାସିଓଦା ଅଞ୍ଚଳରୁ ବୋଲଗଡ଼ ପୁଲିସ ଚଢ଼ଉ କରି ଲକ୍ଷାଧିକ ଟଙ୍କା ମୂଲ୍ୟର ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ ବୌଦ୍ଧ ପୁରୁଣା କଟକ ଚାରିଛକର ବାଲ୍ମିକୀ ନାୟକ (୧୯) ଓ ଶ୍ରବଣ ନାୟକ (୧୯)। ତାଙ୍କ ଠାରୁ ୨୬ କେଜି ଗଞ୍ଜେଇ ଜବତ ହୋଇଛି। ଏହାର ମୂଲ୍ୟ ପ୍ରାୟ ୨୬ ଲକ୍ଷ ଟଙ୍କା ହେବ ବୋଲି ପୁଲିସ ଆକଳନ କରିଛି।

ବାଲ୍ମିକୀ ଓ ଶ୍ରବଣ ଏକ ବସ୍ ଯୋଗେ ବୌଦ୍ଧରୁ ଗଞ୍ଜେଇ ଧରି ଆସୁଥିଲେ। ସୂଚନା ମିଳିବା ପରେ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ନିହାର ପ୍ରଧାନ ଓ ଥାନା ଅଧିକାରୀ ସୁକାନ୍ତ ଦଳେଇଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଅଭିଯୁକ୍ତ ବସ୍‌ରୁ ଓହ୍ଲାଇ ଜାତୀୟ ରାଜପଥର ଫାସିଓଦା ରାସ୍ତାରେ ଗ୍ରାହକଙ୍କୁ ଅପେକ୍ଷା କରିଥିବାବେଳେ ଏହି ଟିମ୍ ଏସ୍‌ଆଇ ଆଶାମାରିଆ ଡୁଙ୍ଗଡୁଙ୍ଗଙ୍କ ନେତୃତ୍ୱରେ ଗତକାଲି ଅପରାହ୍ନ ପ୍ରାୟ ୩.୫୦ରେ କାବୁ କରିଥିଲା। ସେମାନଙ୍କ ଠାରୁ ଏକ ଜରିବସ୍ତାରେ ଥିବା ୨୬କେଜି ଗଞ୍ଜେଇ ଜବତ ହୋଇଥିଲା। ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି।

## ମଲ୍ଲିପଦର ଆମ ଗାଁ ମହୋତ୍ସବ ଉଦ୍‌ଘାଟିତ



ବେଗୁନିଆ, ୨୫ା୩(ସମିସ): ବେଗୁନିଆ ବ୍ଲକ କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିପଦର(ବାସୁଦେବପୁର) ଗ୍ରାମର ଅଷ୍ଟମ ବାର୍ଷିକ ଉତ୍ସବ ଉଦଘାଟିତ ହୋଇଛି। ଏଥିରେ ମହୋତ୍ସବ କମିଟି ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତା ଓ ମୃତ୍ୟୁଞ୍ଜୟ ପଣ୍ଡା ଏବଂ ସନ୍ଦୀପ ପଟ୍ଟନାୟକଙ୍କ ଯୁଗ୍ମ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା, ଜିଲ୍ଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ବିଜେଡ଼ି ଦଳର ବ୍ଲକ ସଭାପତି ପ୍ରଶାନ୍ତ କୁମାର ବେହେରା, ପୂର୍ବତନ ସମିତି ସଭ୍ୟ ସୁବାସ ଚନ୍ଦ୍ର ମହାନ୍ତି, ସମାଜସେବୀ ମନୋଜ କୁମାର ପ୍ରଧାନ, ଆମ ଗାଁ ମହୋତ୍ସବ କୋଷାଧ୍ୟକ୍ଷ ଅମୀୟ ଭୂଷଣ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିବା ସହ ମହୋତ୍ସବ କଳା ସଂସ୍କୃତି ପରମ୍ପରାକୁ ଉଜ୍ଜୀବିତ କରିଥାଏ ବୋଲି ମତ ପ୍ରକାଶ କରିଥିଲେ। ପରେ ଓଡ଼ିଶା ରାଜ୍ୟ କଳା ସଂସ୍କୃତି ବିଭାଗ ପକ୍ଷରୁ କଳାକାର ଓ ସ୍ଥାନୀୟ ଅଞ୍ଚଳର କଳାକାର ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରି ମନୋରଞ୍ଜନର ଖୋରାକ ଯୋଗାଇଥିଲେ।

## ପୂର୍ବତଟ ରେଳବାଇ ଠିକା ଶ୍ରମିକ ସଂଗଠନର ବିକ୍ଷୋଭ




ଜଟଣୀ, ୨୫ା୩(ସମିସ): ୨୦୨୬ ଜାନୁଆରୀ ଓ ଫେବୃଆରି ମାସର ବକେୟା ଦରମା ଆସନ୍ତା ୩ଦିନ ଭିତରେ ତୁରନ୍ତ ପ୍ରଦାନ କରିବା, କର୍ମଚାରୀଙ୍କ ଦରମାରୁ ୩ବର୍ଷରୁ ଅଧିକ ସମୟ ଧରି ଭବିଷ୍ୟନିଧି ପାଣ୍ଠି (ପିଏଫ୍) କଟାଯାଉଛି। ହେଲେ ଆଜି ପର୍ଯ୍ୟନ୍ତ ସମ୍ପୃକ୍ତ ଇପିଏଫ୍ ଆକାଉଣ୍ଟରେ ଟଙ୍କା ଜମା କରାଯାଉନାହିଁ। ତେଣୁ ତୁରନ୍ତ ଟଙ୍କା ଜମା କରିବା ସହ ସୁଧ ଓ ଜମାର ପ୍ରମାଣ ୭ଦିନରେ ଦାଖଲ କରିବା, ଦରମାରୁ ଇଏସଆଇ ବାବଦକୁ ଟଙ୍କା କଟାଯାଉଥିଲେ ମଧ୍ୟ ଇଏସଆଇ ନିଗମରେ ଜମା କରାଯାଉ ନାହିଁ, ତେଣୁ ସୁଧ ସହ ଜମା କରିବା ଓ ୭ଦିନ ମଧ୍ୟରେ ପ୍ରମାଣପତ୍ର ଦାଖଲ କରିବା ଓ ପର୍ବପର୍ବାଣି ଓ ବାର୍ଷିକ ଛୁଟି ନ ଦେଇ କାମ କରିଥିବାରୁ ମଜୁରୀ ଟଙ୍କା ପ୍ରଦାନ କରିବା ଭଳି ୪ଦଫା ଦାବିନେଇ ଆଜି ପୂର୍ବତଟ ରେଳବାଇ ଠିକା ଶ୍ରମିକ ସଂଗଠନ ପକ୍ଷରୁ ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ୍ ରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଗଠନ ପକ୍ଷରୁ ଖୋର୍ଦ୍ଧାରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

# ଶ୍ରୀରାମେଶ୍ୱର ଦେବଙ୍କ ଦଣ୍ଡ ଉତ୍ସବ ଆରମ୍ଭ

ବାଲୁଗାଁ, ୨୫ା୩(ସମିସ)

ବଡ଼କୁଳ ଓ ଅଠରବାଟିଆ ।। ଗ୍ରାମ ପଞ୍ଚାୟତ ଏବଂ କାନ୍ଥମାହାଲ ଅଞ୍ଚଳର ଆରାଧ୍ୟ ରାମେଶ୍ୱର ଦେବଙ୍କ ୨୧ ଦିନ ବ୍ୟାପି ଦଣ୍ଡ ଉତ୍ସବ ବୁଧବାର ଠାରୁ ଆରମ୍ଭ ହୋଇଛି। ଶ୍ରୀ ରାମେଶ୍ୱର ଦେବ ଦଣ୍ଡଠାକୁରଙ୍କ ଆବିର୍ଭାବ ନିମନ୍ତେ ମଙ୍ଗଳବାର ନିଶାର୍ଦ୍ଧରେ ତଥା ମଧ୍ୟ ରାତ୍ରିରେ ୧୩ ଭଗତା ବଡ଼କୁଳ ସ୍ଥିତ ଗାଦିଶ୍ୱର ପୀଠ କାମନା ଗୃହରୁ ରାମେଶ୍ୱର ମନ୍ଦିର ଆଗମନ କରିଥିଲେ। ବୁଧବାର ପୂର୍ବାହ୍ନରେ ପୂଜାପରେ ଠାକୁରଙ୍କୁ ଆବିର୍ଭାବ କରାଯାଇ ଦଣ୍ଡଠାକୁରଙ୍କୁ ପାଣିତୋଳା କରାଯାଇ ନୂତନ ବସ୍ତ୍ର ଓ ଫୁଲରେ ସୁସଜ୍ଜିତ କରାଯାଇଥିଲା। ପରେ ସ୍ନାନ ତୁଠରେ ଶୈବପୂଜା, ପାପନାଶିନି ପୂଜା ପରେ ଦଣ୍ଡରେ ଅଗ୍ନି ସଂଯୋଗ କରାଯାଇଥିଲା। ୭୦ ଜଣ ନୂଆ ଭଗତାଙ୍କୁ ପଇତା ପ୍ରଦାନ କରାଯାଇଥିଲା। ଦଣ୍ଡ



ଠାକୁର ରାମେଶ୍ୱର ମନ୍ଦିରକୁ ବିଜେ କରି ଚଳନ୍ତି ପ୍ରତିମା ଶ୍ରୀ ରାମେଶ୍ୱର ଦେବଙ୍କ ଠାରୁ ଆଜ୍ଞାମାଳ ପାଇ ମନ୍ଦିରରୁ ବାହାରିବା ସମୟରେ ଅଧିଆ ପଡ଼ିଥିବା ମାନସିକଧାରୀଙ୍କୁ ଦଣ୍ଡକାଳୀ ପ୍ରସନ୍ନ ହୋଇ ଅଧିଆ ଉଠାଇବା ପରେ ଦଣ୍ଡ ଠାକୁର ବଡ଼କୂଳ ଗାଦିଶ୍ୱର ପୀଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ୨୧ଦିନ ବ୍ୟାପି ଏହି ଦଣ୍ଡ ଉତ୍ସବରେ ପାଟଭଗତା ସତ୍ୟ ମହାରଣା ଓ ମୁଖ୍ୟ ଦଣ୍ଡୁଆ ପ୍ରତାପ ରାଉତରାୟ ତତ୍ତ୍ୱାବଧାନରେ ବିଭିନ୍ନ ଗ୍ରାମ ବୁଲି ମାନସିକ ପାଣିତୋଳା ଉତ୍ସବ ସହ ଦଣ୍ଡନୃତ୍ୟ ପରିବେଷଣରେ ସମଗ୍ର ବଡ଼କୁଳ ଅଞ୍ଚଳ ଉତ୍ସବ ମୁଖର ହୋଇପଡ଼ିଛି। ଚଳିତ ବର୍ଷ ଉକ୍ତ ଦଣ୍ଡଉତ୍ସବ ପରିଚାଳନା ନିମନ୍ତେ ଅଧିକାରୀ ଭାବେ ଅଜୟ ପାଇକରାୟ, ରମେଶ ବେହେରା, ବଳଭଦ୍ର ବିଶୋଇ ଓ ଗୋପବନ୍ଧୁ ପାଇକରାୟ ପ୍ରମୂଖ ଦାୟିତ୍ୱ ନିର୍ବାହ କରୁଛନ୍ତି।

ସେହିପରି ବାଣପୁର ଗାଲୁଆ ସ୍ଥିତ ଶ୍ରୀ ଗୁପ୍ତେଶ୍ୱରଦେବଙ୍କ ସମେତ ବାଣପୁର ବାଲୁଗାଁ ଅଞ୍ଚଳର ବିଭିନ୍ନ ଶୈବପୀଠରେ ଦଣ୍ଡଠାକୁର ଆବିର୍ଭାବ ହୋଇ ୨୧ଦିନ ବ୍ୟାପି ଦଣ୍ଡ ଉତ୍ସବ ବୁଧବାର ଠାରୁ ଆରମ୍ଭ ହୋଇଯାଇଛି। ଦଣ୍ଡଠାକୁରଙ୍କ ଆବିର୍ଭାବରେ ସମଗ୍ର ବାଲୁଗାଁ ବାଣପୁର ଅଞ୍ଚଳରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି।

● ଆଇଏନ୍‌ଏମ୍‌ଟି ଇଞ୍ଜିନିୟରିଂ କଲେଜର ବାର୍ଷିକ ଉତ୍ସବ

## ‘ନିର୍ଦ୍ଦିଷ୍ଟ ଲକ୍ଷ୍ୟପଥ ଚୟନ କଲେ ସଫଳତା ନିଶ୍ଚିତ’




ନିରାକାରପୁର, ୨୫ା୩(ସମିସ): ଛାତ୍ରଛାତ୍ରୀମାନେ ହେଉଛନ୍ତି ଦେଶର ଭବିଷ୍ୟତ। ସେମାନେ ଯଦି ବାସ୍ତବବାଦୀ ହୋଇ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପଥ ଚୟନ କରିବେ, ତେବେ ଜୀବନରେ ନିଶ୍ଚିତ ସଫଳତା ହାସଲ କରିପାରିବେ। ଖୋର୍ଦ୍ଧା ଜିଲ୍ଲା ସରପାରୀ ସ୍ଥିତ ଆଇଏନଏମଟି ଇଞ୍ଜିନିୟରିଂ କଲେଜର ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ଏଭଳି ମତବ୍ୟକ୍ତ କରିଛନ୍ତି। କଲେଜର ଅଧ୍ୟକ୍ଷା ଡ. ଅଭିଷ୍ପା ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ସୋସିଓଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡ. ରବୀନ୍ଦ୍ର ଗରାଡ଼ ଏବଂ ସମ୍ମାନୀତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ସାଧାରଣ ପ୍ରଶାସନିକ ସେବା ବିଭାଗ ମୁଖ୍ୟ ପ୍ରଫେସର ଡ. ପ୍ରତିମା ଷଡ଼ଙ୍ଗୀ ଓ ମହାଶକ୍ତି ସିମେଣ୍ଟର ଉପ-ସଭାପତି ସଞ୍ଜୟ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ଭାଗ୍ୟଶ୍ରୀ ପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଡିନ୍ ଏକାଡେମୀ ଡ. ବ୍ରଜବନ୍ଧୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଶେଷରେ କଲେଜର ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

